## ପଟ୍ଟାଙ୍ଗିରୁ ନିର୍ବାଚନ ପ୍ରଚାର ଆରମ୍ଭ କଲେ କାର୍ତ୍ତିକ ପାଣ୍ଡିଆନ

# ‘ମୁଖ୍ୟମନ୍ତ୍ରୀ କଥାରେ ନୁହେଁ; କାମରେ ବିଶ୍ୱାସ କରନ୍ତି’













**ସେମିଳିଗୁଡ଼ା/ପଟ୍ଟାଙ୍ଗି, ୨୫।୪(ସମିସ)**

୨୦୨୪ ସାଧାରଣ ନିର୍ବାଚନ ପାଇଁ କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରୁ ଗୁରୁବାର ବିଜେଡି ଷ୍ଟାର୍ ପ୍ରଚାରକ କାର୍ତ୍ତିକ୍ ପାଣ୍ଡିଆନ୍ ବିଜେଡିର ନିର୍ବାଚନୀ ପ୍ରଚାରର ଶୁଭାରମ୍ଭ କରିଛନ୍ତି । ପଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡ଼ା ବ୍ଲକର ବଙ୍ଗୁରୁଗୁଡ଼ାଠାରେ ଗୁରୁବାର ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇ ଶ୍ରୀ ପାଣ୍ଡିଆନ୍ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିବା ସହ ନାମ ନନେଇ ବିଜେପିର କେନ୍ଦ୍ରମନ୍ତ୍ରୀଙ୍କ ଉପରେ ବର୍ଷିଥିଲେ । ସେ ମୁଖ୍ୟମନ୍ତ୍ରୀ ତଥା ବିଜେଡିର ସଭାପତି ନବୀନ ପଟ୍ଟନାୟକ କଥାରେ ନୁହେଁ

**● କେନ୍ଦ୍ରମନ୍ତ୍ରୀ ଓ କୋରାପୁଟ ସାଂସଦଙ୍କ ଉପରେ ବର୍ଷିଲେ**

କାର୍ଯ୍ୟରେ ବିଶ୍ୱାସ କରନ୍ତି ବୋଲି କହିବା ସହ କୋରାପୁଟ ଜିଲ୍ଲା ଓ ପଟ୍ଟାଙ୍ଗୀ ନିର୍ବାଚନ ମଣ୍ଡଳୀରେ ହୋଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଉପରେ ଅବଗତ କରାଇଥିଲେ । ଶ୍ରୀ ପାଣ୍ଡିଆନ୍ ପ୍ରଥମେ ଜୟ ଜଗନ୍ନାଥ କହିବା ସହ ଲୋକଙ୍କୁ କୋରାପୁଟିଆ ଜୁହାର କହି ନିଜର ଅଭିଭାଷଣ ଆରମ୍ଭ କରିଥିଲେ । ସେ କାର୍ଯ୍ୟକ୍ରମରେ ବିଭିନ୍ନ ବ୍ୟକ୍ତି ଦେଇଥିବା ଅଭିଯୋଗ ଗୁଡ଼ିକୁ ଦେଖାଇ ଲୋକଙ୍କ ସମସ୍ୟା ତୁରନ୍ତ ସମାଧାନ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତି ରହିଥିବା ବିଶ୍ୱାସ ଯୋଗୁଁ ସମସ୍ୟାଗୁଡ଼ିକ ପହଞ୍ଚିଥିବା ନେଇ କହିଥିଲେ । ସେ ପୂର୍ବରୁ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ଲୋକଙ୍କ ଦ୍ୱାରା ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା । ଏହାପରେ ତୁରନ୍ତ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକ ତଥା ଦେଓମାଳିର ଉନ୍ନତୀକରଣ, ନନ୍ଦପୁର ବ୍ଲକର ରାଣୀ ଡୁଡୁମା ଉନ୍ନତୀକରଣ, ବାଲ୍‌ଡ଼ା ମାହେଶ୍ୱରୀ ଗୁମ୍ଫାର ଉନ୍ନତୀକରଣ, ପଟ୍ଟାଙ୍ଗି ମା’ ଗାଙ୍ଗେଶ୍ୱରୀ ମନ୍ଦିରର ଉନ୍ନତୀକରଣ ପ୍ରାରମ୍ଭ ହୋଇଛି । ଏହିପରି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ ଅବଗତ କରିଥିଲେ ।

ସେ ଆହୁରି କହିଥିଲେ, ଯାହା ମୁଖ୍ୟମନ୍ତ୍ରୀ କୁହନ୍ତି ତାହା କରନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ କଥା ରଖି ଦେଓମାଳିର ବିକାଶ କରିଛନ୍ତି । ରୂପାନ୍ତରଣ ଲାଗି ଆପଣଙ୍କ ଅନୁରୋଧ ରକ୍ଷା କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ କାମରେ ବିଶ୍ୱାସ କରନ୍ତି । ମୁଖ୍ୟମନ୍ତ୍ରୀ ଯେଉଁ ଦିନଠାରୁ ଓଡ଼ିଶାର ସେବା କରିଆସୁଛନ୍ତି ସେବେଠାରୁ ରାଜ୍ୟ ଉନ୍ନତି ପଥରେ ଆଗେଇ ଚାଲିଛି । ଯଦି ଏବେ ଉନ୍ନତି ହୋଇଛି କେବଳ ମୁଖ୍ୟମନ୍ତ୍ରୀଙ୍କ ସକାଶେ ହୋଇଛି । ଆପଣମାନେ ଯେଉଁ ପୂର୍ବରୁ ସରକାର ଦେଖିଥିଲେ ଦୀର୍ଘ ୬୦ ବର୍ଷ ଧରି ଶାସନ କରିଥିଲେ ମଧ କିଛି ଉନ୍ନତି ହୋଇ ନ ଥିଲା ବୋଲି ଅଭିଯୋଗ କରିଥିଲେ । ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ବହୁତ କିଛି ଉନ୍ନତି ହେବା ସହ ଆଗକୁ ଆହୁରି ଉନ୍ନତି ପାଇଁ ସମସ୍ତେ ଶଙ୍ଖ ଚିହ୍ନରେ ଭୋଟ ଦେଇ ମୁଖ୍ୟମନ୍ତ୍ରୀଙ୍କୁ ନୂଆ ଓଡ଼ିଶା ନବୀନ ଓଡ଼ିଶା ଗଠନରେ ସାହାଯ୍ୟ କରିବା ପାଇଁ ପ୍ରୟାସ କରିବାକୁ ପଡ଼ିବ ବୋଲି ଶ୍ରୀ ପାଣ୍ଡିଆନ୍ କହିଥିଲେ । ଏଥିସହ ବିଏସକେୱାଇ ଭଲ ସ୍କିମ୍ ନୁହେଁ ବୋଲି ବିରୋଧୀ ପ୍ରଚାର କରି ବିଜେଡିକୁ ବଦନାମ୍ କରୁଛି ବୋଲି କହିବା ସହ ନାମ ନ ନେଇ ବିଜେପିର ଜଣେ କେନ୍ଦ୍ରମନ୍ତ୍ରୀ କେବଳ କଥା କହୁଛନ୍ତି; କିନ୍ତୁ କାମରେ ଜିରୋ ବୋଲି ସମାଲୋଚନା କରିଥିଲେ । ଏଥିସହ ନାମ ନ କହି ବିଜେପିର ଜନୈକ କେନ୍ଦ୍ରମନ୍ତ୍ରୀଙ୍କ ଉପରେ ଗର୍ଜିଥିଲେ ଶ୍ରୀ ପାଣ୍ଡିଆନ୍ । କୋରାପୁଟ ଜିଲ୍ଲାରେ ୪ ମାସରେ ୪ ଲକ୍ଷ ମହିଳା ଲକ୍ଷ୍ମୀ ବସ୍ ଦ୍ୱାରା ଉପକୃତ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ପାଇଁ ମଧ ଏହି ବସ୍ ସେବା ବହୁତ ଉପକୃତ ହୋଇପାରିଛି ବୋଲି ଶ୍ରୀ ପାଣ୍ଡିଆନ ଖୁସିବ୍ୟକ୍ତ କରିଥିଲେ । ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ୫୦ଟି ହାଇସ୍କୁଲ ରୂପାନ୍ତର ହେବା ଦ୍ୱାରା ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ବ୍ୟବସ୍ଥା ଗ୍ରହଣ କରାଯାଇଥିବା ଶ୍ରୀ ପାଣ୍ଡିଆନ୍ ସୂଚନା ଦେଇଛନ୍ତି । ବିନା ପ୍ରିମିୟମରେ କର୍ପ ଇନ୍ସୁରାନ୍ସ ଚାଷୀଙ୍କୁ, ମିଶନ ଶକ୍ତି ଦ୍ୱାରା ମହିଳାଙ୍କଅଙ୍କୁ ଋଣ ପ୍ରଦାନ କରାଯାଉଥିବାବେଳେ ଗରିବ ଲୋକଙ୍କ ମୁହଁରେ ହସ ଫୁଟେଇବାକୁ ମୁଖ୍ୟମନ୍ତ୍ରୀ ଚେଷ୍ଟା କରିଥିବା ଶ୍ରୀ ପାଣ୍ଡିଆନ୍ କହିଥିଲେ । ବିକାଶ ଯାତ୍ରା ଆଗକୁ ମଧ ଚାଲୁ ରହିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଏହାପରେ ସେ କୋରାପୁଟ ସାଂସଦଙ୍କ ଉପରେ ବର୍ଷିବା ସହ ବିଗତ ୫ ବର୍ଷରେ କିଛି କରିନଥିବା ଅଭିଯୋଗ କରିଥିଲେ । ଏହି ନିର୍ବାଚନରେ ବିଜେଡି ସାଂସଦ ପ୍ରାର୍ଥିନୀଙ୍କୁ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ । ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟ ଗ୍ରହଣ କରିବା ପାଇଁ ନିବେଦନ କରିଥିଲେ । ପୁଣି



ଏଥର ସାରା ରାଜ୍ୟରେ ଶଙ୍ଖନାଦ ହେବ ବୋଲି ସେ କହିଥିଲେ ।

ଗୁରୁବାର ପୂର୍ବାହ୍ନ ୧୧ଟାରେ ଶ୍ରୀ ପାଣ୍ଡିଆନ୍ ପ୍ରଥମେ ଜୟପୁର ବିମାନବନ୍ଦରରେ ସ୍ୱତନ୍ତ୍ର ବିମାନ ଯୋଗେ ଅବତରଣ କରିବା ପରେ ସେଠାରେ ସ୍ୱତନ୍ତ୍ର ହେଲିକପ୍ଟରରେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସେମିଳିଗୁଡ଼ା ବ୍ଲକର ବାଙ୍ଗୁରୁଗୁଡ଼ାଠାରେ ପ୍ରସ୍ତୁତ ହୋଇଥିବା ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିଥିଲେ । ପରେ ସେଠାରେ ଆୟୋଜିତ ହୋଇଥିବା ସଭାସ୍ଥଳକୁ ଯାଇଥିଲେ । ଶ୍ରୀ ପାଣ୍ଡିଆନଙ୍କୁ ସେଠାରେ ଜିଲ୍ଲା ସଭାପତି ଝିନ୍ନ ହିକକା, ପଟ୍ଟାଙ୍ଗି ବିଧାୟକ ପୀତମ୍ ପାଢ଼ି, ଲୋକସଭା ପ୍ରାର୍ଥିନୀ କୌଶଲ୍ୟା ହିକକା, ବିଜେଡି ପ୍ରାର୍ଥୀ ପ୍ରଫୁଲ୍ଲ କୁମାର୍ ପାଙ୍ଗି, ନେତା କର୍ମୀ ସ୍ୱାଗତ କରିବା ସହ ସଭାସ୍ଥଳକୁ ପାଛୋଟି ନେଇଥିଲେ । ମଞ୍ଚକୁ ଯିବା ପୂର୍ବରୁ ଶ୍ରୀ ପାଣ୍ଡିଆନ୍ ଲୋକଙ୍କ ସହ ଭେଟ ହୋଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ଶ୍ରୀ ପାଣ୍ଡିଆନ୍ କୁ ଦେଖି ସଭାସ୍ଥଳରେ ଉପସ୍ଥିତ ଜନସାଧାରଣଙ୍କ ମନରେ ଖୁସି ମାହଲ ଦେଖିବାକୁ ମିଳିଥିଲା । କିଛି ବୃଦ୍ଧ ତଥା ବୟସ୍କ ଲୋକ ପାଣ୍ଡିଆନ୍‌କୁ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା । ପରେ କୋରାପୁଟ ଜିଲ୍ଲା ପାଇଁ ବିଜୁ ଜନତା ଦଳର ପ୍ରଚାର ଆରମ୍ଭ କରିବାର ସୁଯୋଗ ମିଳିଥିବାରୁ ସେ ନିଜକୁ ଧନ୍ୟ ମନେ କରିବା ସହ ଜଗନ୍ନାଥ ନିକଟରେ ପ୍ରାର୍ଥନା କରିଥିଲେ । ପରେ ମଞ୍ଚରେ ବିଜୁ ଜନତା ଦଳ ନେତା ଓ କର୍ମୀଙ୍କ ପକ୍ଷରୁ ଶ୍ରୀ ପାଣ୍ଡିଆନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏଥିସହ ମା’ ଗାଙ୍ଗେଶ୍ୱରୀ ମନ୍ଦିର କମିଟି ଦ୍ୱାରା ସ୍ୱର୍ଣ୍ଣର ମା’ ଦୁର୍ଗାଙ୍କ ଫଟୋ ଚିତ୍ର ଶ୍ରୀ ପାଣ୍ଡିଆନଙ୍କୁ ପ୍ରଦାନ କରାଯାଇଥିଲା । ପୁରୀରୁ ଆସିଥିବା ତଥା ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ସୂର୍ଯ୍ୟ ନାରାୟଣ ରଥ ଶର୍ମା ମାଳିପୁଟ ଗ୍ରାମରେ ପ୍ରତିଷ୍ଠା କରାଯାଉଥିବା ଶ୍ରୀ ରାମଙ୍କ ମନ୍ଦିରର ପୂଜାରେ ବ୍ୟବହାର କରାଯାଇଥିବା ଉତ୍ତରୀୟ ନେଇ ଶ୍ରୀ ପାଣ୍ଡିଆନଙ୍କୁ ସମ୍ମାନିତ କରିଥିଲେ । ଏହାପରେ ଉକ୍ତ ସମ୍ମାନ ପାଇ ଶ୍ରୀ ପାଣ୍ଡିଆନ୍ ନିଜକୁ ଗର୍ବିତ ଅନୁଭବ କରିଥିଲେ । ଏହି ସମୟରେ ଶ୍ରୀ ପାଣ୍ଡିଆନ୍ ଲୋକଙ୍କ ସହ ସେଲ୍ଫି ନେଇଥିବା ମଧ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଝିନ୍ନ ହିକକା, ପର୍ଯ୍ୟବେକ୍ଷକ ବାଲା ରାୟ, ଅମିତ୍ ଅଗ୍ରୱାଲ୍, ‘ମୁକ୍ତା’ ଯୋଜନାର ଉପଦେଷ୍ଟା ମୀରା ପରିଡ଼ା, ଜିଲ୍ଲା ମହିଳା ନେତ୍ରୀ ପାର୍ବତୀ ମସ୍ତି, ବରିଷ୍ଠ ନେତା ଗୋପାଳ କୃଷ୍ଣ ବେବର୍ତ୍ତା, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷ ଲକ୍ଷ୍ମୀ ହନ୍ତାଳ, ସେମିଳିଗୁଡ଼ା, ନନ୍ଦପୁର, ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ନେତା କର୍ମୀ, ଜନପ୍ରତିନିଧିମାନେ ଯୋଗଦେଇଥିଲେ । ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଶ୍ରୀ ପାଣ୍ଡିଆନ୍ ଜିଲ୍ଲାରେ ବିଜୁ ଜନତା ଦଳର ପ୍ରଚାର ପଟାଙ୍ଗିରୁ ଆରମ୍ଭ କରିଥିବାରୁ ନେତା ଓ କର୍ମୀଙ୍କ ମଧ୍ୟରେ ନୂତନ ଉତ୍ସାହ ଦେଖାଦେଇଥିଲା ।

## ଦଶମନ୍ତପୁରରେ କୌଶଲ୍ୟା ଓ ପ୍ରଭୁ ଜାନିଙ୍କ ପାଇଁ ଭୋଟ୍ ମାଗିଲେ କାର୍ତ୍ତିକ ପାଣ୍ଡିଆନ

# ‘ମୁଖ୍ୟମନ୍ତ୍ରୀଙ୍କ ବିକାଶ ଦେଖି ବିରୋଧୀଙ୍କ ନିଦ ହଜିଛି’

**କୋରାପୁଟ/କାକିରିଗୁମ୍ମା/ପୋଡ଼ାଗଡ଼,୨୫।୪(ସମିସ):** ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଗୁରୁବାର କୋରାପୁଟ ଜିଲ୍ଲା ଗସ୍ତରେ ଆସି ସେମିଳିଗୁଡ଼ା ଓ ଦଶମନ୍ତପୁର ବ୍ଲକରେ ଦଳୀୟ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଛନ୍ତି । ସେମିଳିଗୁଡ଼ା କାର୍ଯ୍ୟକ୍ରମ ଶେଷ ପରେ ଶ୍ରୀ ପାଣ୍ଡିଆନ ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଦଶମନ୍ତପୁର ବ୍ଲକ୍ ସଦର ମହକୁମା ସ୍ଥିତ ଚନ୍ଦନ ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ପଡ଼ିଆରେ ପହଞ୍ଚିଥିଲେ । ସମାବେଶ ସ୍ଥଳକୁ ଯିବା ପୂର୍ବରୁ ଶ୍ରୀ ପାଣ୍ଡିଆନ ପ୍ରଥମେ ଜଗନ୍ନାଥ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ଆଶୀର୍ବାଦ ଭିକ୍ଷା କରିଥିଲେ । ପୂଜାର୍ଚ୍ଚନା ପରେ ଜିଲ୍ଲା ବିଜେଡି ଉପସଭାପତି ନାରାୟଣ ବିଶୋଇଙ୍କ ତତ୍ତ୍ୱାବଧାନରେ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ଏବଂ ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମାବେଶରେ ଶ୍ରୀ ପାଣ୍ଡିଆନ ଉଦବୋଧନ ଦେଇଥିଲେ । ବିଜୁ ଜନତା ଦଳ ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିକାଶ ପୁରୁଷ, ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଓଡ଼ିଶା ବିକାଶ କ୍ଷେତ୍ରରେ ଇତିହାସ ରଚିଛି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ସାରା ଦେଶରେ ଉଦାହରଣ ସୃଷ୍ଟି କରିଛନ୍ତି ମୁଖ୍ୟମନ୍ତ୍ରୀ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟରେ ବିରୋଧୀଙ୍କ ନିଦ ହଜିଯାଇଛି ବୋଲି ଶ୍ରୀ ପାଣ୍ଡିଆନ ଜନସମାବେଶରେ ବକ୍ତବ୍ୟ ରଖି ଆଗାମୀ ଦିନରେ ରାଜ୍ୟର ବିକାଶ ଅଧିକ ଦୃତଗତିରେ ଚାଲିବ, ବିକାଶ ରଥକୁ କେହି ଅଟକାଇ ପାରିବେନାହିଁ ବୋଲି କହିଥିଲେ । ନବୀନ ବାବୁ କଥାରେ ନୁହେଁ, କାମରେ





ବିଶ୍ୱାସ କରନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ତିନି ମାସ ପୂର୍ବରୁ ସେ ଲକ୍ଷ୍ମୀପୁର, ନାରାୟଣପାଟଣା, ଦଶମନ୍ତପୁର ଆସି ଲୋକଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ପ୍ରାୟ ୩ ହଜାର ଅଭିଯୋଗ ପତ୍ର ସେ ଗ୍ରହଣ କରି ମୁଖ୍ୟମନ୍ତ୍ରୀଙ୍କ ନିକଟରେ ପହଞ୍ଚିଥିଲେ । ବର୍ତ୍ତମାନ ସୁଦ୍ଧା ସେଥିମଧ୍ୟରୁ ପ୍ରାୟ ୮୦ ପ୍ରତିଶତ ଅଭିଯୋଗର ସମାଧାନ ହୋଇ ଦାବି ପୂରଣ

**➤ ବିଜେଡି ଅମଳରେ ବିକାଶ ଶିଖର ଛୁଇଁଛି, ଏ ଧାରା ବଜାୟ ରହିବ**
**➤ ବିଏସକେୱାଇ କାର୍ଡର ବାଟ ଓଗାଳୁଛନ୍ତି କେନ୍ଦ୍ରମନ୍ତ୍ରୀ**

ହୋଇଥିବା ସୂଚନା ଦେଇଥିଲେ । ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ମୁଖ୍ୟମନ୍ତ୍ରୀ ନାରାୟଣପାଟଣା ଓ ବନ୍ଧୁଗାଁରେ ଦୁଇଟି ସରକାରୀ ଡିଗ୍ରୀ କଲେଜ, ନାରାୟଣପାଟଣା, ଦଶମନ୍ତପୁର ଜଗନ୍ନାଥ ମନ୍ଦିର ବିକାଶ ପାଇଁ ୩.୫ କୋଟି ଟଙ୍କା ଓ ବନ୍ଧୁଗାଁ ଅଗ୍ନି ଗଙ୍ଗାମା ମନ୍ଦିର ଉନ୍ନତୀକରଣ ସହ ଅନ୍ୟାନ୍ୟ ଦାବି ପୂରଣ ହୋଇଥିବାବେଳେ ନିର୍ବାଚନ ପରେ ଖୁବଶୀଘ୍ର ବଳକା କାମ ଶେଷ କରାଯିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗରିବ ଲୋକଙ୍କୁ ମାଗଣା ଓ ଉତ୍ତମ ମାନର ଚିକିତ୍ସା ଯୋଗାଇଦେବାକୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, ଗରିବ ପିଲାଙ୍କୁ ଉତ୍ତମ ପରିବେଶରେ ଉଚ୍ଚମାନର ଶିକ୍ଷା ଦେବାକୁ ସ୍କୁଲ ଓ କଲେଜ ରୂପାନ୍ତରୀକରଣ, ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ମିଶନ ଶକ୍ତି ଜରିଆରେ ବିନା ସୁଧରେ ୧୦ ଲକ୍ଷ ଟଙ୍କାର ଋଣ ଭଳି ଲୋକପ୍ରିୟ ଯୋଜନା କରିଛନ୍ତି । ଏହା ଦ୍ୱାରା ଲୋକେ ନିଜ ପାଖେ ଅର୍ଥ ନ ଥିଲେ ମଧ କାହା ପାଖେ ହାତ ନ ପାତି ସମ୍ମାନର ସହ ବଡ଼ ବଡ଼ ମେଡିକାଲରେ ଚିକିତ୍ସା ପାଉଥିବାବେଳେ ଗରିବର ପୁଅ ଆଜି ଭଲ ସ୍କୁଲରେ ପଢ଼ିବାର ସୁଯୋଗ ପାଇଛି । ଘର କୋଣରେ ରହୁଥିବା ମହିଳା ମିଶନ ଶକ୍ତି ମାଧ୍ୟମରେ ରୋଜଗାରକ୍ଷମ ହୋଇପାରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଆଶୀର୍ବାଦରେ ଆଜି ଗରିବ ମାଆ ଦୁବାଇ ଯିବାର ସୁଯୋଗ ପାଇଛି ବୋଲି ଶ୍ରୀ ପାଣ୍ଡିଆନ ବକ୍ତବ୍ୟ ରଖିଥିଲେ । ସେହିପରି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ଆଦିବାସୀଙ୍କ କଳା, ସଂସ୍କୃତି, ପରମ୍ପରା ବଜାୟ ରଖିବା ସହ ଗରିବ ଆଦିବାସୀ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ଯୋଗାଇ ଦେଇଥିବା କହିଥିଲେ । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ଏହି ସବୁ ଲୋକପ୍ରିୟ ଯୋଜନା ଦେଖି କେନ୍ଦ୍ରର ଜଣେ ଓଡ଼ିଆ ମନ୍ତ୍ରୀ ଖୁବ୍ ଈର୍ଷା ପରାୟଣ ହୋଇ ଯୋଜନାଗୁଡ଼ିକ ବନ୍ଦ କରିବାକୁ ଚକ୍ରାନ୍ତ କରୁଥିବା ପ୍ରକାଶ କରିଥିଲେ । ଗତ ୫ ବର୍ଷ ମଧ୍ୟରେ ଏହି କେନ୍ଦ୍ରମନ୍ତ୍ରୀ ଓଡ଼ିଶା ପାଇଁ କ’ଣ କରିଛନ୍ତି ବୋଲି ପ୍ରଶ୍ନ କରିବା ସହ ନିଜେ ଶିକ୍ଷା ବିଭାଗ ମନ୍ତ୍ରୀ ଥିବା ସତ୍ତ୍ୱେ ରାଜ୍ୟରେ ଗୋଟିଏ ସ୍ମାର୍ଟ କ୍ଲାସ ରୁମ୍ କରିନାହାନ୍ତି ବୋଲି ତୀବ୍ର ସମାଲୋଚନା କରିଥିଲେ । ନବୀନ ପଟ୍ଟନାୟକ ମାତୃ ଗର୍ଭର ଶିଶୁଠାରୁ ଆରମ୍ଭ କରି, ମୃତ୍ୟୁ ଯାଏ ସବୁ ଯୋଜନା କରିଛନ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପିଇବା ପାଣି ଭଳି ମୌଳିକ ସମସ୍ୟା ଦୂର କରିଛନ୍ତି । ଏଥିପାଇଁ ଆସନ୍ତା ମାସ ୧୩ ତାରିଖରେ ହେବାକୁ ଥିବା ନିର୍ବାଚନରେ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ଓ ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନିଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ପୁଣି ନବୀନ ବାବୁଙ୍କ ହାତମୁଠାକୁ ଟାଣ କରିବା ଲାଗି ଉପସ୍ଥିତ ଜନସାଧାରଣଙ୍କୁ ନିବେଦନ କରିଥିଲେ । ପୁଣିଥରେ ବିଜେଡି କ୍ଷମତାକୁ ଆସିଲେ, ନୂଆ ନୂଆ ଯୋଜନା କରି, ବିକାଶଶୀଳ ରାଜ୍ୟ ଗଠନ କରିବା ପାଇଁ ନବୀନ ବାବୁଙ୍କ ପ୍ରୟାସ ଜାରି ରହିବ ବୋଲି ସାଧାରଣ ସଭାରେ ଜନତାଙ୍କୁ କହିଥିଲେ । ନିଜ ବକ୍ତବ୍ୟ ଶେଷ କରିବା ପରେ ଶ୍ରୀ ପାଣ୍ଡିଆନ ଲୋକଙ୍କ ଗହଣରେ ଯାଇ ଦରଖାସ୍ତ ସଂଗ୍ରହ କରିବା ସହ ସେଲ୍ଫି ନେଇଥିଲେ । ବୈଠକ ଶେଷ ହେଲା ପରେ ପଞ୍ଚାୟତ ଜନପ୍ରତିନିଧି ତଥା ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟାମାନଙ୍କୁ ନେଇ ଶ୍ରୀ ପାଣ୍ଡିଆନ ଏକ ସ୍ୱତନ୍ତ୍ର ବୈଠକ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜିଲ୍ଲା ବିଜେଡି ସଭାପତି ଝୀନ ହିକକା, ବରିଷ୍ଠ ଯୁବ ବିଜେଡି ନେତା ଶଙ୍କର ସାଉନ୍ତା, ବ୍ଲକ



ବିଜେଡି ସଭାପତି ମହେନ୍ଦ୍ର କୁମାର କୁଲଦିପ, ବ୍ଲକ୍ ଉପାଧ୍ୟକ୍ଷ ଅରୁଣ କୁମାର ଚେଟୀ, ବ୍ଲକ୍ ଅଧ୍ୟକ୍ଷା ପୂର୍ଣ୍ଣିମା ଜାନିଙ୍କ ସମେତ ୧୬ଟି ପଞ୍ଚାୟତର ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସମାଗମ ହୋଇଥିଲେ ।

## ଗୁଣୁପୁର ଓ ବିଷମ କଟକରେ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରଚାର ଅଭିଯାନ

# ବିଜୁ ପରିବାର ଏକାଠି ହୋଇ କାମ କରିବାକୁ ଆହ୍ୱାନ





**ଗୁଣୁପୁର,୨୫।୪(ସମିସ):** ରାୟଗଡ଼ା ଜିଲ୍ଲା ଗୁଣୁପୁରଠାରେ ଗୁରୁବାର ଏକ ନିର୍ବାଚନୀ ସଭାକୁ ଉଦବୋଧନ ଦେଇ ବିଜେଡିର ଷ୍ଟାର ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ନବୀନ ସରକାରଙ୍କ ଜନହିତକର କାର୍ଯ୍ୟର ରିପୋର୍ଟ କାର୍ଡ ଦେବା ସହ ଯୋଡ଼ିସଙ୍ଖ ପାଇଁ ଭୋଟଭିକ୍ଷା କରିଥିଲେ। ସ୍ଥାନୀୟ ବଂଶଧାରା ବସନ୍ତ ମହୋତ୍ସବ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପାଣ୍ଡିଆନଙ୍କ ଆଗମନ ପରେ ପ୍ରଥମେ ଦଳୀୟ ନେତା ଓ କର୍ମୀମାନଙ୍କ ଦ୍ୱାରା ହେଲିପ୍ୟାଡ୍ ବାହାରେ ଶ୍ରୀ ପାଣ୍ଡିଆନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସେ ପେଣ୍ଡାଲ ଚାରିପାଖରେ ଘୂରି ବୁଲି ଲୋକଙ୍କ ସହ ହାତ ମିଳାଇ ମଞ୍ଚକୁ ଯାଇଥିଲେ। ଗତ ଜୁନ୍ ମାସରେ ଗୁଣୁପୁର ଗସ୍ତ ସମୟରେ ମିଳିଥିବା ବିଭିନ୍ନ ଅଭିଯୋଗ ପ୍ରକାରେ ମୁଖ୍ୟମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀକୁ ୧୩୭୦ କୋଟି ଟଙ୍କା ମଞ୍ଜୁର କରିବା ପରେ ସବୁ କାର୍ଯ୍ୟ ଆରମ୍ଭ ହୋଇଛି। ଏହାରି ମଧ୍ୟରେ ବଂଶଧାରା ନଦୀ, ହରଭାଙ୍ଗି ନଦୀ, ବିର୍ଶା ନାଳ ଇତ୍ୟାଦିରେ ଜଳସେଚନ ପ୍ରକଳ୍ପ, ମାତାରବନମ ମନ୍ଦିର, ଗୁଣୁପୁର ସହରର ସେଫାଳି ପାହାଡ଼ ଉପର ରାମେଶ୍ୱର ମନ୍ଦିର, ୭୦ଟି ହାଇସ୍କୁଲର ରୂପାନ୍ତରୀକରଣ ଇତ୍ୟାଦି ପ୍ରକଳ୍ପ ଅନ୍ତର୍ଭୁକ୍ତ। ବିଭିନ୍ନ ଚର୍ଚ୍ଚ, ମନ୍ଦିର ଓ ମସଜିଦ୍ ପାଇଁ ମଧ୍ୟ





ଅନୁଦାନ ଦିଆଯାଇଛି। ଜନଜାତିମାନଙ୍କୁ ନୂତନ ପରିଚୟ ଦେବା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ ହୋଇଛି। ନିଃସ୍ୱାର୍ଥପର ଭାବେ ନବୀନ ବାବୁ ଓଡ଼ିଶା ପାଇଁ କାର୍ଯ୍ୟ କରି ଚାଲିଛନ୍ତି। ଏହାକୁ ଦେଖି ବିରୋଧୀଙ୍କ ନିଦ ହଜିଯାଇଛି। ଏହି ମଞ୍ଚରେ ଉପସ୍ଥିତ ବିଧାୟକ ପ୍ରାର୍ଥୀ ରଘୁନାଥ ଗମାଙ୍ଗ ଓ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ମଧ୍ୟ ନିଜ ପାଇଁ ଭୋଟଭିକ୍ଷା କରି ନବୀନ ବାବୁଙ୍କ ହାତମୁଠାକୁ ଟାଣ କରନ୍ତୁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜିଲ୍ଲା ସଭାପତି ଏନ୍ ଭାସ୍କର ରାଓ ଏବଂ ସୁଧିର ଦାସଙ୍କ ସମେତ ସମସ୍ତ ବିଜୁ ପରିବାର ଏକାଠି ହୋଇ କାର୍ଯ୍ୟ କରିବାକୁ ଶ୍ରୀ ପାଣ୍ଡିଆନ୍ ଆହ୍ୱାନ କରିଥିଲେ। ଏହି ଅବସରରେ ରାଜ୍ୟ ବିଜୁ ଛାତ୍ର ଜନତା ଉପସଭାପତି ପିଙ୍କୁ ପଣ୍ଡାଙ୍କ ନେତୃତ୍ୱରେ ବହୁ ଯୁବଛାତ୍ର ଗୋଷ୍ଠୀ ଏକାଠି ହୋଇ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଦ୍ମପୁରର ବିଜେଡି ନେତା ଦୁର୍ଗା ସାହୁ, ଲିଡ ପାଢ଼ୀ, ଦେବା ପଣ୍ଡା, ଗୋଦାବରୀ ରାଉତ, କୈଳାସ କ୍ରାସ୍କା, ରଘୁନନ୍ଦନ ନାୟକ, ସୁବାସ ଶବର, ତାତା ବାବୁ, କିରାନା ଗୋବିନ୍ଦ ରାଓ, ଶିବ ସାହୁ, ଗୁଣୁପୁରରୁ ବାଲୀ ଗମାଙ୍ଗ, ଅଶ୍ୱିନୀ ଗମାଙ୍ଗ, ଇସ୍ମାଇଲ ଶବର, ଦାରା ସିଂ ଶବର, ବନ୍ଧୁ ଗମାଙ୍ଗ, ରାମ ପଣ୍ଡା, ଦେବୀ ଆଚାର୍ଯ୍ୟ, ମୁନା ପାଣି, ଚନ୍ଦ୍ରପୁର ବ୍ଲକର କଇନ କିମ୍ବାକା, ଜିଲ୍ଲା ପରିଷଦ ସଭ୍ୟ ସୁଜିତ୍ ବ୍ରେଡକା ପ୍ରମୁଖ ଉପସ୍ଥିତ ଥିଲେ।

**ବିଷମ କଟକ:** ସାଧାରଣ ନିର୍ବାଚନର ନାମାଙ୍କନ ପ୍ରକ୍ରିୟା ସରିଥିବାବେଳେ ଗୁରୁବାର ବିଜୁ ଜନତା ଦଳର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ବିଷମକଟକ ନିର୍ବାଚନ ମଣ୍ଡଳୀର ସଦର ବିଷମ କଟକରେ ଆୟୋଜିତ ନିର୍ବାଚନୀ ସଭାରେ ଯୋଗଦେଇଛନ୍ତି। ସଭାରେ ଯୋଗଦେଇ ଉପସ୍ଥିତ ଜନସାଧାରଣଙ୍କୁ ଲୋକସଭା ପ୍ରାର୍ଥିନୀ କୌଶଲ୍ୟା ହିକକା ଏବଂ ବିଧାନସଭା ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କ ନିମନ୍ତେ ଦୁଇଟି ଶଙ୍ଖ ଚିହ୍ନରେ ଭୋଟଭିକ୍ଷା କରିଛନ୍ତି। ଅପରାହ୍ଣ ସାଢ଼େ ୩ଟାରେ ଲକ୍ଷ୍ମୀପୁର କାର୍ଯ୍ୟକ୍ରମ ସାରି ଶ୍ରୀ ପାଣ୍ଡିଆନ୍ ବିଷମ କଟକ ସ୍ଥିତ ମିନି ଷ୍ଟାଡିୟମର ଅସ୍ଥାୟୀ ହେଲିପ୍ୟାଡରେ ହେଲିକପ୍ଟର ଯୋଗେ ଓହ୍ଲାଇଥିଲେ। ସେଠାରେ ଆୟୋଜିତ ନିର୍ବାଚନ ସଭାରେ ଉପସ୍ଥିତ ପୁରୁଷ ଓ ମହିଳାଙ୍କ ସହ ହାତ ମିଳାଇ ସେଲଫି ନେଇଥିଲେ। ଏ ଅବସରରେ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ସାରକା, ଲୋକସଭା ପ୍ରାର୍ଥିନୀ କୌଶଲ୍ୟା ହିକକାଙ୍କ ସମେତ ଶ୍ରୀ ପାଣ୍ଡିଆନ୍ ମଞ୍ଚାସୀନ ହୋଇଥିଲେ। ମଞ୍ଚରେ ନିଜ ବକ୍ତବ୍ୟ ରଖି କହିଥିଲେ କି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କଥାରେ ନହେଁ କାମରେ ବିଶ୍ୱାସ ରଖନ୍ତି। ଗତ ୪ ମାସ ତଳେ ଆପଣମାନଙ୍କଠାରୁ ପାଇଥିବା ପ୍ରସ୍ତାବଗୁଡ଼ିକୁ ସଫଳ ରୂପାୟଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଅନୁଦାନ ପାଣ୍ଠି ପ୍ରଦାନ କରିଥିଲେ। ବିଷମ କଟକ ଏବଂ ମୁନିଗୁଡ଼ାକୁ ଏନ୍ଏସି ମାନ୍ୟତା ଦାବି ହୋଇ ଆସୁଥିବାବେଳେ ବର୍ତ୍ତମାନ ଏହି ଦୁଇ ବ୍ଲକକୁ ଏନ୍ଏସି ଘୋଷଣା କରାଯାଇଛି। ଶେଷରେ ମିଶନ ଶକ୍ତି ମହିଳାମାନଙ୍କୁ ଅର୍ଥିକ ସ୍ଥିତି ସୁଦୃଢ଼ କରିବା ପାଇଁ ନବୀନ ପଟ୍ଟନାୟକ ବିଭିନ୍ନ ଯୋଜନା କରିଆସୁଥିବାବେଳେ ଚଳିତ ନିର୍ବାଚନରେ ମା'ମାନେ ଏକ ହୋଇ ପୁଣି ଥରେ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ଜିତାଇ ଆଣିବା ନିମନ୍ତେ ଅନୁରୋଧ କରିଥିଲେ। ଶେଷରେ ବିଧାୟକ ପ୍ରାର୍ଥୀ ଏବଂ ଲୋକସଭା ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବାକୁ ଅନୁରୋଧ କରିଥିଲେ।

## ଜଳୁଛି ପାଇନ୍ ଜଙ୍ଗଲ



**କୋରାପୁଟ,୨୫।୪(ସମିସ):** କୋରାପୁଟ ସହର ନିକଟସ୍ଥ ପାଇନ ଜଙ୍ଗଲରେ ନିଆଁ ଲାଗି ଜଳୁଥିବା ଦେଖିବାକୁ ମିଳିଛି। ଦିନ ୧୨ଟାରୁ ନିଆଁ ଲାଗିଥିବାବେଳେ କୋରାପୁଟ ବନଖଣ୍ଡ ତରଫରୁ ନିଆଁ ଲିଭାଇବା ପାଇଁ ପ୍ରୟାସ ଜାରି ରହିଥିବା ଜଣାପଡ଼ିଛି। ଖବର ଲେଖା ହେବା ସୁଦ୍ଧା ନିଆଁକୁ ଆୟତ୍ତ କରାଯାଇ ନ ଥିବା ଜଣାପଡ଼ିଛି। ନିଆଁ ପାହାଡ଼ ଉପରେ ଥିବା ପାଇନ ଜଙ୍ଗଲର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ବ୍ୟାପୁଥିବାବେଳେ ନିଆଁ ଲିଭାଇବା ପାଇଁ ନାକେଦମ୍ ହୋଇଛି ବନ ବିଭାଗ। ତଥାପି ନିଆଁକୁ ଲିଭାଇବାକୁ ଆପ୍ରାଣ ଉଦ୍ୟମ କରାଯାଉଥିବା ବନ ବିଭାଗ ତରଫରୁ କୁହାଯାଇଛି। ନିଆଁ ଲାଗିବା ଫଳରେ ଲକ୍ଷାଧିକ ଟଙ୍କାର ପାଇନ ଗଛ ନଷ୍ଟ ହୋଇଯିବାର ଆଶଙ୍କା ରହିଛି।

## ସରିଲା ନାମାଙ୍କନପତ୍ର ଦାଖଲ

# ୩ ବିଧାନସଭା ଆସନରେ ୩୩ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ

**ରାୟଗଡ଼ା,୨୫।୪(ସମିସ):**




ଗୁରୁବାର ଥିଲା ନାମାଙ୍କନପତ୍ର ଦାଖଲର ଶେଷଦିନ। ଗତ ୧୮ ରୁ ୨୫ ତାରିଖ ମଧ୍ୟରେ ରାୟଗଡ଼ା ଜିଲ୍ଲାର ଗୁଣୁପୁର, ବିଷମକଟକ ଓ ରାୟଗଡ଼ା ତିନିଟି ବିଧାନସଭା ଆସନ ନିମନ୍ତେ ୩୩ ଜଣ ପ୍ରାର୍ଥୀ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି କ୍ରମରେ ଗୁଣୁପୁର ବିଧାନସଭା ଆସନରେ ୧୪ଜଣ ପ୍ରାର୍ଥୀ ନିଜ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ବିଷମକଟକ ବିଧାନସଭା ପାଇଁ ୮ଜଣ ଏବଂ ରାୟଗଡ଼ା ବିଧାନସଭା ଆସନ ନିମନ୍ତେ ୧୧ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଏହି ବିଧାନସଭା ଆସନଗୁଡ଼ିକରେ ବିଭିନ୍ନ ରାଜନୈତିକ ଦଳର ୨୧ ଜଣ ପ୍ରାର୍ଥୀଙ୍କ ସମେତ ୧୨ ଜଣ ସ୍ୱାଧୀନ ପ୍ରାର୍ଥୀ ନିଜ ନାମାଙ୍କନ ଭରିଛନ୍ତି। ଗୁଣୁପୁର ବିଧାନସଭା ଆସନରେ ବିଜୁ ଜନତା ଦଳ ପ୍ରାର୍ଥୀ ରଘୁନାଥ ଗମାଙ୍ଗ, ବିଜେପିର ତ୍ରିନାଥ ଗମାଙ୍ଗ, କଂଗ୍ରେସର ସତ୍ୟଜିତ୍ ଗମାଙ୍ଗ, ବିଏସପିର ଶିବରାମ ମାମ୍ବ୍ରଲାକା, ନବଭାରତ ନିର୍ମାଣ ସେବା ପାର୍ଟିର ପୂର୍ଣ୍ଣଚନ୍ଦ୍ର ଶବର, ନ୍ୟାସନାଲ ଆପନି ପାର୍ଟିର କରୁଣାକର ଶବର, ବହୁଜନ ମୁକ୍ତି ପାର୍ଟିର ନାଗଭୂଷଣ ମାଣ୍ଡାଙ୍ଗିଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ରଶ୍ମିତା କୁମାରୀ ଶବର, ଅନାସିମ ଶବର, ପଦ୍ମିନୀ ଗମାଙ୍ଗ, ଫାଲଗୁନି ଶବର ଓ ଅବିନାଶ ଗମାଙ୍ଗ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଷମକଟକ ବିଧାନସଭା ଆସନରେ ବିଜେଡିର ଜଗନ୍ନାଥ ସାରକା, କଂଗ୍ରେସର ନୀଳମାଧବ ହିକକା, ବିଜେପିର ଜଗନ୍ନାଥ ନୁଣ୍ଡୁକା, ବିଏସପିରୁ ଜିତେନ୍ଦ୍ର ଜାକାକା, ନବଭାରତ ନିର୍ମାଣ ସେବା ପାର୍ଟିର ଅନିତା ପିଡିକାକା, ସିପିଆଇ (ଏମଏଲ) ଲିବିରେସନ୍ ପ୍ରାସ୍କା ରାମଚନ୍ଦ୍ରଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ନୀଳମାଧବ ଉଲାକା ଓ ପରମାନନ୍ଦ ହୁଇକା ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ରାୟଗଡ଼ା ବିଧାନସଭା ଆସନରେ ବିଜେଡି ପ୍ରାର୍ଥିନୀ ଅନସୂୟା ମାଝୀ ନିଜ ନାମାଙ୍କନପତ୍ର ଦାଖଲ କରିଥିବାବେଳେ କଂଗ୍ରେସରୁ ଆପାଲାସ୍ୱାମୀ କାଡ୍ରକା, ବିଜେପିର ବସନ୍ତ କୁମାର ଉଲାକା, ଶିବ ଶଙ୍କର ଉଲାକା, ବିଏସପିର ପୂର୍ଣ୍ଣଚନ୍ଦ୍ର ମାଝୀ, ନବଭାରତ ନିର୍ମାଣ ସେବା ପାର୍ଟିର ସିନାଲୁ କଣ୍ଡାଗରି, ସିପିଆଇ (ଏମଏଲ) ଲିବିରେସନର କ୍ରିଷ୍ଟା ପାଲକା, ଆମ୍ବେଦକର ପାର୍ଟି ଅଫ୍ ଇଣ୍ଡିଆର ବନମାଳି ମାଝୀଙ୍କ ସମେତ ସ୍ୱାଧୀନ ପ୍ରାର୍ଥୀ ସୁଚିତ୍ରା ମାଝୀ, ରାଙ୍ଗାରାଓ କଣ୍ଡାଗରି, ଭଗବାନୀ ମାଝୀ ପ୍ରମୁଖ ନିଜ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ପ୍ରାର୍ଥୀମାନଙ୍କ ନାମାଙ୍କନପତ୍ର ବୈଧତାର ପରିପ୍ରକାଶ କରାଯିବାକୁ ଥିବାବେଳେ ୨୯ତାରିଖ ଅପରାହ୍ଣ ୩ଟା ସୁଦ୍ଧା ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶନ ହେବ ବୋଲି ଜଣାପଡ଼ିଛି।

## ■ ଶେଷହେଲା ନାମାଙ୍କନ

# ଶେଷ ଦିନରେ ୪ ଲୋକସଭା ଓ ୧୫ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**କୋରାପୁଟ,୨୫।୪(ସମିସ):** ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ରାଜ୍ୟର ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ଗୁରୁବାର ନାମାଙ୍କନପତ୍ର ଦାଖଲର ଶେଷ ଦିନ ଥିଲା। ଗୁରୁବାର କୋରାପୁଟ ଲୋକସଭା ନିମନ୍ତେ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବାବେଳେ କୋରାପୁଟ ଉପଖଣ୍ଡର ୩ଟି ନିର୍ବାଚନ ମଣ୍ଡଳୀରେ ୧୫ ଜଣ ବିଧାୟକ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି। କୋରାପୁଟ ଲୋକସଭା ଆସନ ପାଇଁ ଶେଷ ଦିନରେ ସିପିଆଇ (ଏମଏଲ) ଲିବରେସନ ପାର୍ଟିର ପ୍ରକାଶ ହିକକା, ସିପିଆଇ ପାର୍ଟିର ରାଜେନ୍ଦ୍ର ମାଝୀ, ନବ ଭାରତ ନିର୍ମାଣ ସେବା ଦଳର ସୁମନ କଣ୍ଟା ଏବଂ ସ୍ୱାଧୀନ ପ୍ରାର୍ଥୀ ରଘୁମଣି ଗମାଙ୍ଗ ରିଟର୍ଣ୍ଣିଂ ଅଫିସର ତଥା କୋରାପୁଟ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନବ ଭାରତ ନିର୍ମାଣ ସେବା ଦଳର ସଞ୍ଜୟ ଗରଡ଼ା, ଆମ୍ ଆଦମୀ ପାର୍ଟିର କର୍ପୂର ହନ୍ତାଳ, କଂଗ୍ରେସ ପ୍ରାର୍ଥୀ କାହ୍ନୁ କୁଲଦୀପ, ସ୍ୱାଧୀନ ପ୍ରାର୍ଥୀ ରଞ୍ଜନ କୁମାର ଖରା ଏବଂ ଭାଗିରଥି ପାଟନିଆ ପ୍ରମୁଖ ରିଟର୍ଣ୍ଣିଂ ଅଫିସର ତଥା କୋରାପୁଟ ଉପଜିଲ୍ଲାପାଳ ବେଣୁଧର ଶବରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ପଟାଙ୍ଗି ନିର୍ବାଚନ ମଣ୍ଡଳୀ ପାଇଁ ସାମ୍ବା ପାଙ୍ଗୀ, ଅମ୍ବିକା କୁମାରୀ ପାଙ୍ଗି ଓ ଫୁଲମଣି ପାଙ୍ଗି, କୃଷ୍ଣ ଜାନି, ୩ ଜଣ ସ୍ୱାଧୀନ ପ୍ରାର୍ଥୀ ସହକାରୀ ଉପଜିଲ୍ଲାପାଳ ସଂଯୁକ୍ତା ବା'ଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀ ପାଇଁ ଆରପିଆଇ (ଏ)ର ରମେଶ ଜାନୀ, ସିପିଆଇର କୁମାର ଜାନୀ, ସିପିଆଇ (ଏମ୍ଏଲ୍) ଲିବେରେସନର ରାଜେଶ ମାଝୀ, ବିଏସପିର ଜେ. ୱାଡେକା ଏବଂ ମାଳତୀ ତାଡଙ୍ଗୀ ଓ ପୂର୍ଣ୍ଣ ମାଡ଼ଙ୍ଗି ଦୁଇ ଜଣ ସ୍ୱାଧୀନ ପ୍ରାର୍ଥୀ ଗୁରୁବାର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଗୁରୁବାର କଂଗ୍ରେସର ଅସନ୍ତୋଷ ନେତା ସାମ୍ବା ପାଙ୍ଗୀ ଓ ବିଜେପିର ଅସନ୍ତୋଷ ନେତା ଭାଗିରଥି ପାଟନିଆ ନାମାଙ୍କନପତ୍ର ଦାଖଲ କରି ଉଭୟ ଦଳ ପାଇଁ ଚିନ୍ତାର କାରଣ ହୋଇଥିବା ଜଣାପଡ଼ିଛି।

## ● ନାମାଙ୍କନପତ୍ର ଦାଖଲର ଅନ୍ତିମ ଦିବସ

# ବିଜେପି, ଆପ୍, ବିଏସ୍‌ପି ସମେତ ସ୍ୱାଧୀନ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



**ଜୟପୁର,୨୫।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ଏବଂ କୋଟପାଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୁରୁବାର ନାମାଙ୍କନପତ୍ର ଦାଖଲର ଅନ୍ତିମ ଦିବସରେ ବିଜେପି, ଆମ୍ ଆଦମୀ ପାର୍ଟି, ବିଏସପି ସମେତ ଅନ୍ୟାନ୍ୟ ସ୍ୱାଧୀନ ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରିଛନ୍ତି। ଜୟପୁରରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଗୁରୁବାର ଜୟପୁର ଅଣସଂରକ୍ଷିତ ବିଧାନସଭା ଆସନ ପାଇଁ ବିଜେପି ପକ୍ଷରୁ ପ୍ରାର୍ଥୀ ଭାବେ ଗୌତମ ସାମନ୍ତରାୟ ନାମାଙ୍କନପତ୍ର ଦାଖଲ କରିଥିଲେ। ଜୟପୁର ସହରରେ ରଥପଡ଼ିଆ ଛକଠାରୁ ପ୍ରାର୍ଥୀ ଶ୍ରୀ ସାମନ୍ତରାୟ ଏବଂ କୋରାପୁଟ ଲୋକସଭା ସାଂସଦ ପ୍ରାର୍ଥୀ କାଳିରାମ ମାଝି ଏକ ଖୋଲା ଚାରିଚକିଆ ଯାନରେ ଠିଆ ହୋଇ ଶୋଭାଯାତ୍ରାରେ ଯାଇ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଶୋଭାଯାତ୍ରାରେ ବିଜେପି ନେତା ଅରୁଣ ଭଟ୍ଟମିଶ୍ର, ଅଞ୍ଜଳି ମିଶ୍ର, ସାୱନ ମହାନ୍ତି, ମୀନା ଦାଶ, ରବିନ୍ଦ୍ର ମହାପାତ୍ର, ବାବୁ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆମ୍ ଆଦମୀ ପାର୍ଟିର ପ୍ରାର୍ଥୀ ଗୌରୀ ଚରଣ ଦେବଶର୍ମା ମଧ୍ୟ ଏକ ଶୋଭାଯାତ୍ରାରେ ନିଜ ପରିବାର ଏବଂ ସମର୍ଥକଙ୍କ ଗହଣରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ସେଠାରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏହି ଅବସରରେ ଦଳିତ ସମାଜ ପକ୍ଷରୁ ଜେକବ ଗାଣ୍ଡା, ମନସ୍ୱିନୀ ଟାକ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରିତିଶ ପଟ୍ଟନାୟକ, ସୀମାଞ୍ଚଳ ମହାକୁଡ଼, ନୀଳମାଧବ ବିଶୋୟୀ, ବସନ୍ତ ପାତ୍ର, ନମିତା ଖରା ସମୁଦାୟ ୫ଜଣ ସ୍ୱାଧୀନ ପ୍ରାର୍ଥୀ ଜୟପୁର ନିର୍ବାଚନ ମଣ୍ଡଳୀର ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଥିଲେ। ସେହିପରି କୋଟପାଡ଼ ଅନୁସୂଚିତ ଜନଜାତି ସଂରକ୍ଷିତ ଆସନ ପାଇଁ ବିଧାୟକ ପ୍ରାର୍ଥୀ ଭାବେ ରାମକୃଷ୍ଣ ପୂଜାରୀ, ଦେବକୀ ଗାଦବା, କେତନ ସାମର୍ଥ ସ୍ୱାଧୀନ ପ୍ରାର୍ଥୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଆଲୋମଣି ସେଠୀଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଶୁକ୍ରବାର ନାମାଙ୍କନପତ୍ରଗୁଡ଼ିକର ଯାଞ୍ଚ, ଆସନ୍ତା ୨୯ ତାରିଖରେ ନାମାଙ୍କନପତ୍ର ପ୍ରତ୍ୟାହାର ଏବଂ ଉକ୍ତ ଦିନ ଅପରାହ୍ଣ ୩ଟାରେ ପ୍ରାର୍ଥୀଙ୍କ ଅନ୍ତିମ ସୂଚୀ ପ୍ରକାଶ ପାଇବା ସହିତ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ସେମାନଙ୍କ ନିର୍ବାଚନୀ ଚିହ୍ନ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

## ରଘୁରାମ ମାଛଙ୍କ ରାସ୍ତାରେ ଭାଗୀରଥି କଣ୍ଟା !

# କୋରାପୁଟ ବିଧାନସଭା କ୍ଷେତ୍ର ପାଇଁ ସ୍ୱାଧୀନ ଭାବେ ଦାଖଲକଲେ ପ୍ରାର୍ଥିପତ୍ର

**କୋରାପୁଟ,୨୫।୪(ସମିସ):**



କୋରାପୁଟ ବିଧାନସଭା ପାଇଁ ଭାଗୀରଥି ପାଟ୍ଟନିଆ ସ୍ୱାଧୀନ ଭାବେ ନାମାଙ୍କନପତ୍ର ଦାଖଲ କରିବା ପରେ ବିଜେପି ଶିବିରରେ ଦେଖାଦେଇଛି ବିବାଦ ଓ ଅସନ୍ତୋଷ। କୋରାପୁଟ ଜିଲ୍ଲା ବିଜେପି ଏସସି ମୋର୍ଚ୍ଚା ସଭାପତି ଭାଗୀରଥି ପାଟ୍ଟନିଆ ବିଜେପି ନୀତି ଆଦର୍ଶ ନେଇ ସେ ଜଣେ ସକ୍ରିୟ ନେତା ଭାବେ କୋରାପୁଟରେ ୫ବର୍ଷ ହେଲା ଜିଲ୍ଲାର ବିଭିନ୍ନ ବୁଥସ୍ତରରେ ସକ୍ରିୟ କର୍ମୀମାନେ କାର୍ଯ୍ୟ କରିଥିବାବେଳେ କୋରାପୁଟ ବିଧାନସଭା ପାଇଁ ସେ ସ୍ୱାଧୀନ ଭାବେ ପ୍ରାର୍ଥୀ ହେବା ଓ ବିଜେପିର କୋରାପୁଟ ବିଧାନସଭା ପ୍ରାର୍ଥୀ ରଘୁରାମ ମାଛଙ୍କୁ ଟକ୍କର ଦେବା ଏକ ପ୍ରକାର ବିଜେପି ପାଇଁ ମୁଣ୍ଡବ୍ୟଥା ପାଲଟିବ। ପାଣି ଗୋଳିଆ ଦେଖି ବିଜେଡି ନେଇପାରେ ଫାଇଦା। ବିଜେପି ପ୍ରାର୍ଥୀ ରଘୁରାମ ମାଛଙ୍କ ରାସ୍ତାରେ ଭାଗୀରଥି କଣ୍ଟା ହେବେ ବୋଲି ଅନୁମାନ କରାଯାଉଛି। କୋରାପୁଟ ବିଧାନସଭା କ୍ଷେତ୍ରରୁ ସମର୍ଥକଙ୍କୁ ନେଇ କୋରାପୁଟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପ୍ରାର୍ଥିପତ୍ର ଦାଖଲ ପରେ ଗଣମାଧ୍ୟମକୁ

### ● ୫ବର୍ଷ କାର୍ଯ୍ୟ କଲି; ବିଜେପି ବିଶ୍ୱାସଘାତକତା କଲା: ଭାଗୀରଥି

ଭାଗୀରଥି ପାଟ୍ଟନିଆ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ। ସ୍ୱାଧୀନ ପ୍ରାର୍ଥୀ ଭାବେ ଅବଶ୍ୟ ହାତଗଣତି ସେ ବିଜେପି ଓ ଜିଲ୍ଲା ସଭାପତିଙ୍କ ବିରୋଧରେ ବିଷ ଓଗାଳିଛନ୍ତି। କୋରାପୁଟ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଧାୟକ ପଦ ପାଇଁ ଆଶାୟୀ ଥିଲେ ଭାଗୀରଥି ପାଟ୍ଟନିଆ। କିନ୍ତୁ ଦଳ ରଘୁରାମ ମାଛଙ୍କୁ ଟିକଟ ପ୍ରଦାନ କରିବା ପରେ ଅସନ୍ତୁଷ୍ଟ ବିଜେପି ନେତା ଶ୍ରୀ ପାଟ୍ଟନିଆ ନାମାଙ୍କନପତ୍ର ଦାଖଲ କରିଛନ୍ତି। ବିଜେପି ସଂଗଠନ ପାଇଁ କାମ କରିଥିଲି କିନ୍ତୁ ଦଳ ଟିକଟ ନ ଦେବାରୁ କର୍ମୀମାନଙ୍କ ସହ ଆଲୋଚନା କରିବା ପରେ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛି ବୋଲି ଭାଗୀରଥି କହିଛନ୍ତି। ଗତ ଦିନରେ ବିଜେପି ଶିବିରରୁ ସଂଗଠନ କରି ୫ ବର୍ଷ ଧରି ଦଳ ପାଇଁ କାମ କରି କୋରାପୁଟ ବିଧାନସଭା ପାଇଁ ବିଜେପି ତରଫରୁ ଦାବିଦାର ଥିବା ସେ କହିଛନ୍ତି। ଯେହେତୁ ଦଳ ତାଙ୍କୁ ଧୋକ୍କା ଦେଲା, ଆମଦାନୀ ନେତାଙ୍କୁ ଗୁରୁତ୍ୱ ଦେଲା ସେ ସମ୍ପର୍କରେ ଜିଲ୍ଲା ଦପ୍ତରରୁ ରାଜ୍ୟ ମୁଖ୍ୟାଳୟ ଯାଏଁ ଜଣାଇବା ସହ ଆନ୍ଦୋଳନ ମଧ୍ୟ କରି ଏପରିକି ରାଷ୍ଟ୍ରୀୟ ନେତୃବୃନ୍ଦଙ୍କୁ ମଧ୍ୟ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ତଥାପି ତାଙ୍କୁ ନିରାଶ ହେବାକୁ ପଡ଼ିଲା। ତେଣୁ ବାଧ୍ୟ ହୋଇ ସେ ନାମାଙ୍କନପତ୍ର ଦାଖଲ କରିଥିବା ଏବଂ ନିଜର ସଂଗଠନକୁ ନେଇ ବିଜେପି ଓ କଂଗ୍ରେସକୁ ଟକ୍କର ଦେବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, କୋରାପୁଟ ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ତରଫରୁ ରଘୁରାମ ମାଛଙ୍କୁ ବିଧାୟକ ଟିକଟ ପ୍ରଦାନ ପରେ ଆଶାୟୀ ପ୍ରାର୍ଥୀ ଭାଗୀରଥି ପାଟ୍ଟନିଆ ଘୋର୍ ବିରୋଧ କରିଥିଲେ। ଜିଲ୍ଲା ସଭାପତି ପଇସା ଖାଇ ଟିକଟ ପ୍ରଦାନ କରିଥିବା ସେ ଅଭିଯୋଗ କରିଥିବାବେଳେ ଏ ସଂକ୍ରାନ୍ତରେ ରାଜ୍ୟ ନେତୃମଣ୍ଡଳୀ ଓ କେନ୍ଦ୍ର ନେତୃମଣ୍ଡଳୀଙ୍କୁ ମଧ୍ୟ ଅବଗତ କରାଇଥିଲେ।

## ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ ପାଳନ

# ୨୦୨୫ ସୁଦ୍ଧା ଜିଲ୍ଲାକୁ ମେଲେରିଆମୁକ୍ତ କରିବାକୁ ଆହ୍ୱାନ




**ମାଲକାନଗିରି,୨୫।୪(ସମିସ)**

ମାଲକାନଗିରି ଜିଲ୍ଲା ଭେକ୍ଟରବାହିତ ରୋଗ ନିୟନ୍ତ୍ରଣ ବିଭାଗ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ମିଳିତ ଆନୁକୂଲ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ଜିଲ୍ଲାପାଳ ସଚିନ ପାୱାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବିଶ୍ୱ ମେଲେରିଆ ଦିବସ ପାଳିତ ହୋଇଛି। ଉକ୍ତ ସଭାରେ ମୁଖ୍ୟବକ୍ତା ଭାବରେ ଜିଲ୍ଲା ଚିକିତ୍ସାଧିକାରୀ ଡାକ୍ତର ପ୍ରଫୁଲ୍ଲ ନନ୍ଦ ଉକ୍ତ ଦିବସର ତାତ୍ପର୍ଯ୍ୟ ଏବଂ ଆମ ଜିଲ୍ଲାକୁ କିପରି ମେଲେରିଆମୁକ୍ତ କରାଯିବ ସେଥିପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଲ୍ଲିକ ମହମ୍ମଦ ଅଭିଦ ହୁସେନ ମାଲକାନଗିରି ଜିଲ୍ଲାକୁ ୨୦୨୫ ସୁଦ୍ଧା ମେଲେରିଆକୁ କିପରି ସମୂଳେ ବିନାଶ କରି 'ଶୂନ' ମେଲେରିଆ ଜିଲ୍ଲା ଭାବରେ ବିଶ୍ୱରେ ପରିଗଣିତ କରାଯିବ ସେହି ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱତନ୍ତ୍ର ଅତିଥି ରୂପେ ଜିଲ୍ଲା ପରିଷଦ ଅତିରିକ୍ତ ପ୍ରଶାସନିକ ଅଧିକାରୀ ରାମଚନ୍ଦ୍ର ଖାଡ଼ିଆ ସମସ୍ତଙ୍କୁ ସାଧାରଣ ଜ୍ଞାନ ଦେଇ ମେଲେରିଆ ବିଷୟରେ ବୁଝାଇଥିଲେ ଏବଂ କିଛି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମରେ ପୁରସ୍କାର ବିତରଣ କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଏ. ଶ୍ରୀନିବାସ ଆଚାରୀ ମଧ୍ୟ ଉକ୍ତ ଦିବସରେ ଉପସ୍ଥିତ ରହି ମେଲେରିଆ ନିରାକରଣ ଉପରେ ଆଲୋକପାତ କରିଥିଲେ।

ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଯୁବ ରେଡକ୍ରସର ଆବାହକ ଏବଂ ସମ୍ପାଦକ ଡ. ରଞ୍ଜନ କୁମାର ସ୍ୱାଇଁ, ମେଲେରିଆକୁ କିପରି ମୂଳୋତ୍ପାଟନ କରି ଜିଲ୍ଲାକୁ ରୋଗମୁକ୍ତ ଏବଂ ସୁସ୍ଥ ସମାଜ ଗଠନ କରାଯିବା ସହ ମେଲେରିଆମୁକ୍ତ କରାଯିବ ସେଥି ସମ୍ବନ୍ଧରେ ଆଲୋକପାତ କରାଇଥିଲେ। ଜିଲ୍ଲାପାଳଙ୍କ ଦ୍ୱାରା ଏକ ଶପଥପାଠ ମଧ୍ୟ କରାଯାଇଥିଲା। ଜିଲ୍ଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ବିଭାଗ ଡାକ୍ତର ବ୍ରଜବନ୍ଧୁ ଦାସ ମଧ୍ୟ ଉପସ୍ଥିତ ରହି ଗାଁ ପରିବେଶକୁ କିପରି ସଫାସୁତରା ରଖାଯିବ ଏବଂ ସମସ୍ତ ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ବୁଝାଇଥିଲେ। ଉକ୍ତ ଦିବସରେ ଶିଶୁ ସମନ୍ୱିତ ଅଧିକାରୀ ଉପସ୍ଥିତ ଥିଲେ। ମହାମାରୀ ବିଶେଷଜ୍ଞ ଡାକ୍ତର ଦୁର୍ଗାପ୍ରସାଦ ରାଜ 'କୁଇଜ ମାଷ୍ଟର' ଭାବରେ ପ୍ରଶ୍ନ ପଚାରି ସଭାକୁ ଅତି ସୁନ୍ଦର ଭାବରେ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅଜିତ କୁମାର ଦଳେଇ, ଅଙ୍କିତ ଜୈନ, ସନ୍ତୋଷ ପତି ଭାର ଗ୍ରହଣ କରି ସଭାକୁ ସୁଚାରୁରୂପେ ପାଳନ କରିଥିଲେ। ପ୍ରୋଜେକ୍ଟର ମାଧ୍ୟମରେ ଉପସ୍ଥିତ ଥିବା ବ୍ୟକ୍ତିଙ୍କୁ ମେଲେରିଆ ବିଷୟରେ ବୁଝାଇଥିଲେ। ଶେଷରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ୟାମସୁନ୍ଦର ମାଝୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶପଥପାଠ



**ପଦ୍ମପୁର,୨୫।୪(ସମିସ):** ରାୟଗଡ଼ା ଜିଲ୍ଲାର ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗୁରୁବାର ବିଶ୍ୱ ମେଲେରିଆ ନିରାକରଣ ଅଭିଯାନ ନିମନ୍ତେ ଏକ ଶପଥପାଠ ଆୟୋଜନ କରାଯାଇଥିଲା। ଏଥିରେ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭେକ୍ଟରବାହିତ ରୋଗ ନିୟନ୍ତ୍ରକ ଜୟଦେବ ନିମାଲପୁରୀ, ବିପିଓ ମନୋଜ ପଣ୍ଡା, ଫାର୍ମାସିଷ୍ଟ ମନୋଜ କୁମାର ସୁବୁଦ୍ଧି, ପବ୍ଲିକ ହେଲ୍ଥ ଅଫିସର ସଫିରା ରାଇକାଙ୍କ ସହ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅନ୍ୟାନ୍ୟ କର୍ମଚାରୀ, ସେବିକା ମିଳିତ ଭାବେ ମେଲେରିଆର ସମ୍ପୂର୍ଣ୍ଣ ନିରାକରଣ ନିମିତ୍ତ ଶପଥପାଠ କରିଥିଲେ। ଏହି ସମୟରେ ବିପିଓ ମନୋଜ ପଣ୍ଡା ସମସ୍ତେ ମଶାରି ଟାଙ୍ଗି ଶୋଇବାକୁ ପରାମର୍ଶ ଦେଇଥିବାବେଳେ ମେଲେରିଆ ନିରାକରଣ ଅଫିସର ଜୟଦେବ ନିମାଲପୁରୀ ସଠିକ୍ ଭାବେ ମଶାରିର ବ୍ୟବହାର, ଘର ଓ ଆମ ଚତୁଃପାର୍ଶ୍ୱରେ କିଭଳି ଆବର୍ଜନା ପାଣି ନ ଜମିବ, ମେଲେରିଆ, ଡେଙ୍ଗୁ, ଫାଇଲେରିଆ ଆଦି ରୋଗରୁ ରକ୍ଷା ପାଇବା ପାଇଁ ପ୍ରତିଦିନ ମଶାରି ଟାଣି ଶୋଇବା, ମଶା ଡିମ୍ବ ଦେବା ସ୍ଥାନ ନଷ୍ଟ କରିବା ଏବଂ ଜ୍ୱର ଆକ୍ରାନ୍ତ ହେଲେ ରକ୍ତ ପରୀକ୍ଷା କରି ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଲୋକଙ୍କୁ ସଚେତନ କରାଇବା ଏବଂ ବିଶେଷ କରି ଲୋକେ ଏହା ଉପରେ ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ଅଛି ବୋଲି ସେ କହିଥିଲେ। ଏହି ମେଲେରିଆ ନିରାକରଣ ଅଭିଯାନ ଶପଥପାଠରେ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର କର୍ମଚାରୀ ଯୋଗଦେଇଥିଲେ।

## କେନ୍ଦ୍ରୀୟ ନିର୍ବାଚନ ପର୍ଯ୍ୟବେକ୍ଷକଙ୍କ ଜୟପୁର ବିଧାନସଭା ପରିଦର୍ଶନ



**ଜୟପୁର,୨୫।୪(ସମିସ):** ଆସନ୍ତା ମେ' ୧୩ ତାରିଖଠାରୁ ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ନିର୍ବାଚନ କମିଶନ ପକ୍ଷରୁ ନିଯୁକ୍ତ ପର୍ଯ୍ୟବେକ୍ଷିକା ବରିଷ୍ଠ ଭାରତୀୟ ପ୍ରଶାସନିକ ସେବାର ଅଧିକାରୀ ପ୍ରିୟଙ୍କା ଗୋସ୍ୱାମୀ ଗୁରୁବାର କୋରାପୁଟ ଜିଲ୍ଲା ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ୍, ଷ୍ଟ୍ରଙ୍ଗରୁମ, ଏଭିଏମ୍ ଏବଂ ଭିଭିପାଟ ମେସିନଗୁଡ଼ିକର ଯାଞ୍ଚ କରିଥିଲେ। ପର୍ଯ୍ୟବେକ୍ଷିକା ପ୍ରଥମେ ଜୟପୁରଠାରେ ପହଞ୍ଚି ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ନୂତନ ଭବନରେ ନିର୍ମିତ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ ସୁରକ୍ଷା, ଇଭିଏମ୍ ମେସିନ, ଭିଭିପାଟ ମେସିନ ଯାଞ୍ଚ କରିଥିଲେ। ସେହିପରି ଜୟପୁର ବ୍ଲକର ଉମୁରୀ ଗ୍ରାମ ପଞ୍ଚାୟତର ସଦର ମହକୁମା ବିଦ୍ୟାଳୟ ଏବଂ ଜୟପୁର ସହରର ୩ ନମ୍ବର ୱାର୍ଡ ଇରିଗେସନ କଲୋନୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏହି ଅବସରରେ ଭୋଟଦାନ କେନ୍ଦ୍ରରେ ବିଦ୍ୟାଳୟର ପରବେଶ ଓ ପରିମଳ ବ୍ୟବସ୍ଥା ସ୍ୱଚ୍ଛତା ଏବଂ ଭୋଟଦାତାମାନଙ୍କ ପାଇଁ ଆବଶ୍ୟକ ଅନୁଯାୟୀ ସ୍ୱଚ୍ଛ ପାନୀୟ ଜଳ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରୀୟ ପର୍ଯ୍ୟବେକ୍ଷିକା ଶ୍ରୀମତୀ ଗୋସ୍ୱାମୀଙ୍କ ପରିଦର୍ଶନବେଳେ ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସାଂସଦ ପ୍ରଦୀପ ମାଝୀଙ୍କ ମାଆଙ୍କ ଶେଷକୃତ୍ୟ ସମ୍ପନ୍ନ

**ଝରିଗାଁ,୨୫।୪(ସମିସ):** ପୂର୍ବତନ ରାଜ୍ୟସଭା ସାଂସଦ ଭଗବାନ ମାଝୀଙ୍କ ପତ୍ନୀ ତଥା ପୂର୍ବତନ ନବରଙ୍ଗପୁର ଲୋକସଭା ସାଂସଦ ପ୍ରଦୀପ ମାଝୀଙ୍କ ମାଆ ସୁବର୍ଣ୍ଣ ପ୍ରସାଦ(୬୭)ଙ୍କର ବିଶାଖାପାଟଣା ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ପରଲୋକ ହୋଇଯାଇଛି। ବିଳମ୍ବିତ ରାତିରେ ମରଶରୀର ଝରିଗାଁ ନିଜ ବାସଭବନକୁ ଅଣାଯିବା ପରେ ଗୁରୁବାର ସକାଳୁ ଝରିଗାଁ ସ୍ଥିତ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସକାଳୁ ସକାଳୁ ସବୁ ଦଳର ନେତୃବୃନ୍ଦ ସହ ହଜାର ହଜାର ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଏକ ବିରାଟ ଶୋଭାଯାତ୍ରାରେ ଘରୁ ଶ୍ମଶାନଘାଟ ପର୍ଯ୍ୟନ୍ତ ତାଙ୍କ ମରଶରୀର ନିଆଯାଇଥିଲା। ସାନ ପୁଅ ପ୍ରସନ୍ନ ମାଝୀ ମୁଖାଗ୍ନି ଦେଇଥିଲେ। ଗୁରୁବାର ସକାଳୁ ତାଙ୍କର ଶେଷ ଦର୍ଶନ ପାଇଁ ନବରଙ୍ଗପୁର ସାଂସଦ ରମେଶ ମାଝୀ, କୋରାପୁଟ କେନ୍ଦ୍ର ସମବାୟ ବ୍ୟାଙ୍କ ଜୟପୁରର ସଭାପତି ଈଶ୍ୱର ପାଣିଗ୍ରାହୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ମାଝୀ, ନବରଙ୍ଗପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ମୋତିରାମ ନାୟକ, ପ୍ରିୟରଞ୍ଜନ ଦାସ, ଝରିଗାଁ ବ୍ଲକ୍ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝୀ, ଉମରକୋଟ ପୌରପରିଷଦ ଅଧ୍ୟକ୍ଷା ରାଧା ଭତ୍ରା, ପର୍ଶୁରାମ ମାଝୀ, ମଞ୍ଜୁଳା ମାଝୀ, ମୁନା ତ୍ରିପାଠୀ, ଚନ୍ଦ୍ରଶେଖର ମାଝୀ, ଭୁଜବଳ ମାଝୀ, ନିବେଦିତା ମହାନ୍ତି, କାଜମ ମାଦାନୀ, ଅଖିଳ ଭତ୍ରା ପ୍ରମୁଖଙ୍କ ସହ ନବରଙ୍ଗପୁର, ମାଲକାନଗିରି, କୋରାପୁଟ ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



## ପଦ୍ମପୁରର ଆରାଧ୍ୟା ଦେବୀ ମା' ଖିଲାମଣ୍ଡାଙ୍କ ବାର୍ଷିକ ଉତ୍ସବ

**ପଦ୍ମପୁର,୨୫।୪(ସମିସ):** ରାୟଗଡ଼ା ଜିଲ୍ଲା ପଦ୍ମପୁରର ଅଧିଷ୍ଠାତ୍ରୀ ଦେବୀ ମା' ଖିଲାମଣ୍ଡା ଠାକୁରାଣୀଙ୍କ ନବମ ବାର୍ଷିକ ଉତ୍ସବ ବୁଧବାରଠାରୁ ଆରମ୍ଭ କରାଯାଇଥିବା ବେଳେ ତିନି ଦିନ ଧରି ଅନୁଷ୍ଠିତ ହେବ। ଚଳିତ ଚୈତ୍ର ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମାଠାରୁ ଆରମ୍ଭ ଏହି ଉତ୍ସବରେ ବୁଧବାର ମା'ଙ୍କ ମାର୍ଜନା ପରେ ପ୍ରାତଃ ଆଳତି ପରେ ସର୍ବସାଧାରଣ ଦର୍ଶନ କରିବା ପରେ ପାର୍ଶ୍ୱ ଦେବଦେବୀଙ୍କ ପୂଜା, ଘଟପୂଜା, ସନ୍ଧିପୂଜା ସହ କଳସ ସ୍ଥାପନ ଆଦି କରାଯାଇ ସିଂହ ଦ୍ୱାରା ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ପ୍ରତ୍ୟେକ ଦିନ ହୋମଯଜ୍ଞ ଆଦି କରାଯାଇଥିବା ବେଳେ ପ୍ରବଳ ଭକ୍ତଙ୍କ ସମାଗମ ହେଇଥିବା ଦେଖିବାକୁ ମିଳିଥିଲା। ଲୋକଙ୍କ ସମାଗମକୁ ଦୃଷ୍ଟିରେ ରଖି ମା' ଖିଲାମଣ୍ଡା ମନ୍ଦିର ପରିଚାଳନା କମିଟି ତରଫରୁ ଆନ୍ଧ୍ରପ୍ରଦେଶର ଜଳନ୍ତରଗଡ଼ ପ୍ରସିଦ୍ଧ ଭାରତଲୀଳା ଅନୁଷ୍ଠିତ ହୋଇଥିଲା।

## ପିରାମଲ ଫାଉଣ୍ଡେସନ୍‌ର ରକ୍ତହୀନତା ସଚେତନା କାର୍ଯ୍ୟକ୍ରମ

**ଚନ୍ଦ୍ରପୁର,୨୫।୪(ସମିସ):** ରାୟଗଡ଼ା ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ବ୍ଲକ୍ ସଦରରେ ଥିବା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗୁରୁବାର ଛାତ୍ରଛାତ୍ରୀ, କିଶୋରକିଶୋରୀମାନଙ୍କ ମଧ୍ୟରେ ରକ୍ତହୀନତା ମୁକାବିଲା ପାଇଁ ଏକ ସକ୍ରିୟ ପ୍ରୟାସରେ ପିରାମଲ ଫାଉଣ୍ଡେସନର ଗାନ୍ଧୀ ଫେଲୋ ପାଲାଶ ଚୌଧୁରୀ, ଚନ୍ଦ୍ରପୁର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଜ୍ଞାନ ଓ ସଚେତନତା କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ବୁଧବାର ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରିନ୍ସିପାଲ୍ କେଶବ ମଣ୍ଡଳ, ସହକାରୀ ଶିକ୍ଷକ ଲିଙ୍ଗରାଜ ପିଙ୍ଗ, ଅନସୂୟା ମଲ୍ଲିକ, ଶ୍ରାବଣ ବେହେରା, ଏନ୍ ଆପ୍ପାରାଜୁ ଏବଂ ମନମୋହନ ମଲ୍ଲିକଙ୍କ ସହ ୧୮୭ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଲାଶ ଚୌଧୁରୀ ରକ୍ତହୀନତା ଓ ଏହାର ଲକ୍ଷଣ, କାରଣ, ପ୍ରତିଷେଧକ ବ୍ୟବସ୍ଥା ଏବଂ ଏକ ଆକର୍ଷଣୀୟ ଭିଡିଓ ଉପସ୍ଥାପନା ମାଧ୍ୟମରେ ଆଲୋକପାତ କରିଥିଲେ। ସକ୍ରିୟ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦେଇ ସେ ଛାତ୍ରମାନଙ୍କୁ ନିଜ ଗ୍ରାମ ମଧ୍ୟରେ ଆବଶ୍ୟକୀୟ ସ୍ୱାସ୍ଥ୍ୟସେବା ପାଇବା ପାଇଁ ଗ୍ରାମ ସ୍ୱାସ୍ଥ୍ୟ, ପରିମଳ ଏବଂ ପୁଷ୍ଟିକର ଦିବସ ଅଧିବେଶନରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଥିଲେ। ପାରସ୍ପରିକ କ୍ରିୟାକୁ ଉତ୍ସାହିତ କରି ପାଲାଶ ଚୌଧୁରୀ ଛାତ୍ରମାନଙ୍କୁ ପ୍ରଶ୍ନ ପଚାରିଥିଲେ। ଯେଉଁମାନେ ଉପଯୁକ୍ତ ଭାବରେ ପ୍ରତିକ୍ରିୟା କରି ଏହି ବିଷୟ ଉପରେ ସେମାନଙ୍କର ଚିନ୍ତାଧାରା ପ୍ରଦର୍ଶନ କରିଥିଲେ ଓ ତାଙ୍କର ଅନେକ ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗରେ ଚାଲିଥିବା ଆଲୋଚନାକୁ ଉତ୍ସାହିତ କରିବା ପାଇଁ ସେ ଗ୍ରାମ ମଧ୍ୟରେ ଯୁବଗୋଷ୍ଠୀ ଗଠନ ପାଇଁ ଉତ୍ସାହିତ କରିଥିଲେ ଏବଂ ସହଯୋଗର ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମର ସମାପ୍ତିରେ ସମସ୍ତ ଉପସ୍ଥିତ ବ୍ୟକ୍ତି ଏକ 'ରକ୍ତହୀନତାମୁକ୍ତ ଭାରତ' ଦର୍ଶନରେ ସହଯୋଗ କରିବାକୁ ଏକ ପ୍ରତିଜ୍ଞା କରିଥିଲେ ଏବଂ ଏକ ସୁସ୍ଥ ଭବିଷ୍ୟତ ପାଇଁ ପ୍ରତିପୋଷଣ ପାଇଁ ସାମୂହିକ ପ୍ରତିବଦ୍ଧତାକୁ ଦର୍ଶାଇଥିଲେ।



## ନିର୍ବାଚନ ପରିଚାଳନାର ତଦାରଖ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ନିଯୁକ୍ତ



**ନବରଙ୍ଗପୁର,୨୫।୪(ସମିସ):** ଚଳିତ ସାଧାରଣ ନିର୍ବାଚନକୁ ଅବାଧ, ନିରପେକ୍ଷ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବା ପାଇଁ ନବରଙ୍ଗପୁର ଜିଲ୍ଲାର ଲୋକସଭା ନିର୍ବାଚନ ମଣ୍ଡଳୀ ଉମରକୋଟ, ଝରିଗାଁ, ନବରଙ୍ଗପୁର ଓ ଡାବୁଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚନ ପରିଚାଳନାର ତଦାରଖ କରିବା ପାଇଁ ଭାରତ ନିର୍ବାଚନ ଆୟୋଗଙ୍କ ଦ୍ୱାରା ସାଧାରଣ ପର୍ଯ୍ୟବେକ୍ଷକ ଭାବେ ପଲ୍ଲଭ ଗୋପାଳ ଝାଙ୍କୁ ନିଯୁକ୍ତି ଦିଆଯାଇଛି। ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଝା ନବରଙ୍ଗପୁରରେ ଆସି ଗୁରୁବାର ପହଞ୍ଚିଛନ୍ତି। ସେ ସ୍ଥାନୀୟ ସର୍କିଟ ହାଉସରେ ରହି ସାଧାରଣ ନିର୍ବାଚନ ପରିଚାଳନାର ତଦାରଖ କରିବେ। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଡ. କମଳ ଲୋଚନ ମିଶ୍ର, ଆରକ୍ଷୀ ଅଧୀକ୍ଷକ ରୋହିତ ବର୍ମାଙ୍କ ସହିତ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ସେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଡ. ମିଶ୍ର ଜିଲ୍ଲା ପ୍ରଶାସନ ତରଫରୁ ନିର୍ବାଚନ ସମ୍ବନ୍ଧୀୟ ପ୍ରସ୍ତୁତି ଓ ପରିଚାଳନା ସମ୍ପର୍କରେ ସାଧାରଣ ପର୍ଯ୍ୟବେକ୍ଷକଙ୍କୁ ଅବଗତ କରାଇଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ଶ୍ରୀ ଝାଙ୍କ ସର୍କିଟ ହାଉସରେ ରହଣି ସମୟରେ ସାଧାରଣ ନିର୍ବାଚନ ସମ୍ବନ୍ଧୀୟ କୌଣସି ଅଭିଯୋଗ ଥିଲେ ସାଧାରଣ ପର୍ଯ୍ୟବେକ୍ଷକଙ୍କ ମୋବାଇଲ ନମ୍ବର ୯୬୯୨୯୧୬୪୯୯ରେ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି।

## ପଡ଼ିଭଟା ଗ୍ରାମରେ ହାତୀ ଆତଙ୍କ

**କଲ୍ୟାଣସିଂହପୁର,୨୫।୪(ସମିସ):** ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ପଲମାର ପଡ଼ିଭଟା ଗାଁ ନିକଟରେ ହାତୀପଲ ବୁଲିବା ଦେଖି ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି। ସୂଚନା ଅନୁସାରେ, କଲ୍ୟାଣସିଂହପୁର ରେଞ୍ଜ ହାତୀ ସ୍କ୍ୱାଡକୁ ବନ୍ଦ କରି ଦିଆଯାଇଛି। ଯାହାଫଳରେ କଲ୍ୟାଣସିଂହପୁର ବ୍ଲକରେ ଯେ କୌଣସି ସ୍ଥାନରେ ହାତୀ ଆସିଲେ ବିଭାଗ ପକ୍ଷରୁ ହାତୀ ଘଉଡ଼ାଇବାକୁ କେହି ନାହାନ୍ତି। ବର୍ତ୍ତମାନ ତିନି ଦିନ ହେଲା ଲଗାତାର ପଡ଼ିଭଟା ଗାଁ ଚାରିପାଖେ ସନ୍ଧ୍ୟା ହେଲେ ହାତୀପଲ ବୁଲୁଥିବା ଦେଖିବାକୁ ମିଳୁଛି। ପାହାଡ଼ରେ ଲଗାଇଥିବା ଅଦା, ହଳଦୀ, କଦଳୀ, ପଣସ ନଷ୍ଟ କରି ଉକ୍ତ ଅଞ୍ଚଳରେ ଘୂରି ବୁଲୁଥିବା ଦେଖିବାକୁ ମିଳିଛି। ଏ ନେଇ ବନାଞ୍ଚଳ ଅଧିକାରୀ ଚନ୍ଦନ ଗମାଙ୍ଗ ଓ ଫରେଷ୍ଟର ପିକେ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ ଆମ ପାଖରେ ହାତୀ ସ୍କ୍ୱାଡ୍ ନାହାନ୍ତି, ଆମକୁ ଗୋଟିଏ ଗାଡ଼ି ଦିଆଯାଇଛି ସେହି ଗାଡ଼ିରେ ଆମେ ସବୁ କାମ ଦେଖୁଛୁ। ସ୍ୱତନ୍ତ୍ର ହାତୀ ଗାର୍ଡ ଥିଲେ ଆମକୁ ହାତୀ ଘଉଡ଼ାଇବାକୁ ସୁବିଧା ହୁଅନ୍ତା ବୋଲି କହିଛନ୍ତି। ଏ ପଟେ ହାତୀ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ନାମାଙ୍କନପତ୍ର ଦାଖଲକଲେ ବିଜେପି ପ୍ରାର୍ଥୀ



**ନବରଙ୍ଗପୁର,୨୫।୪(ସମିସ)::** ନବରଙ୍ଗପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ପ୍ରାର୍ଥୀ ପୂର୍ବତନ ସାଂସଦ ଇଂ. ବଳଭଦ୍ର ମାଝୀ ପ୍ରାର୍ଥିପତ୍ର ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ରଙ୍କ ନିକଟରେ ଦାଖଲ କରିଛନ୍ତି। ସାଂସଦ ପ୍ରାର୍ଥୀ ନିଜ ସମର୍ଥକଙ୍କ ଗହଣରେ ପ୍ରଥମେ ପ୍ରାର୍ଥିପତ୍ର ଦାଖଲ କରିବା ପରେ ବିଜେପି ଶୋଭାଯାତ୍ରାରେ ଯୋଗଦେଇଥିଲେ।ଏହି ଶୋଭାଯାତ୍ରାରେ ଯାଇ ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଗୌରୀ ଶଙ୍କର ମାଝୀ ନିଜର ନାମାଙ୍କନପତ୍ର ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ନିକଟରେ ଦାଖଲ କରିଥିବାବେଳେ ଉମରକୋଟ ବିଧାୟକ ପ୍ରାର୍ଥୀ ନିତ୍ୟାନନ୍ଦ ଗଣ୍ଡ ନିଜର ନାମାଙ୍କନପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଥିଲେ। ସେହିପରି ଝରିଗାଁ ବିଧାନସଭା ପ୍ରାର୍ଥୀ ନରସିଂହ ଭତ୍ରା ନିଜର ନାମାଙ୍କନପତ୍ର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଥିଲେ ଏବଂ ଡାବୁଗାଁ ବିଧାୟକ ପ୍ରାର୍ଥୀ ସୋମନାଥ ପୂଜାରୀ ନିଜର ନାମାଙ୍କନପତ୍ର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ନିକଟରେ ଦାଖଲ କରିଥିଲେ। ଦିନ ସାଢ଼େ ୧୦ଟା ବେଳେ ବିଜେପିର ଶତାଧିକ ନେତା ଓ କର୍ମୀ ଏକ ପଟୁଆରରେ ଚାମୁରିଆଗୁଡ଼ାଠାରୁ ବାହାରି ଗାନ୍ଧୀ ଛକ ପର୍ଯ୍ୟନ୍ତ ପହଞ୍ଚିଥିଲେ। ସେଠାରୁ ଏକ ବାଇକ୍ ରାଲିରେ ମାଝିଗୁଡ଼ା ଛକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ଏହି ନାମାଙ୍କନପତ୍ର ଦାଖଲ କାର୍ଯ୍ୟକ୍ରମ ସମୟରେ ଅନ୍ୟମାନଙ୍କ ମଧ୍ୟରେ ବିଜେପି ନବରଙ୍ଗପୁର ଜିଲ୍ଲା ସଭାପତି ଜଗଦୀଶ ଚନ୍ଦ୍ର ବିଷୋୟୀ, ରାଜ୍ୟ ସମ୍ପାଦକ ରମେଶ ସାହୁ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ନବରଙ୍ଗପୁର ପୌର ପରିଷଦର ୧୦ ନମ୍ବର ୱାର୍ଡ କାଉନସିଲର ଏ. ସତିଶ, କାଉନସିଲର ସମେଶ ଖୋରା, କାଉନସିଲର ପୁନମ ସାହୁ, କାଉନସିଲର ଅମିତ୍ ପ୍ରଧାନ, କାଉନସିଲର ମମତା ମହାରଣା, ପୂର୍ବତନ କାଉନସିଲର ତଥା ନବରଙ୍ଗପୁର ନଗର ବିଜେପି ସଭାପତି ଶ୍ରୀଧର ପାତ୍ର, ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଦାଶ, ନଗର ମହିଳା ମୋର୍ଚ୍ଚା ସଭାନେତ୍ରୀ ମିନତୀ ପଟ୍ଟନାୟକ, ଉପସଭାନେତ୍ରୀ ନଗର ମଣ୍ଡଳ ଜ୍ୟୋତିର୍ମୟୀ ବେନିଆ, ବିଜେପି ନେତା ଅର୍ଜୁନ ତ୍ରିପାଠୀ, ମୃତ୍ୟୁଞ୍ଜୟ ଦାସ, ମଧୁ ଗାଦବା, ଭିକ୍କି ଜେନା, ପିଣ୍ଟୁ ମିଶ୍ର, ଶୁଭମ୍ ଚୌଧୁରୀ, ବାବୁଲି ପରିଛା, ମିଟୁ ମହାରଣା, ନଗର ଯୁବ ମୋର୍ଚ୍ଚା ସଭାପତି ସଞ୍ଜୀବ ମହାପାତ୍ର, ସିପୁନ ପଣ୍ଡାଙ୍କ ସମେତ ବହୁ ସଂଖ୍ୟକ ବିଜେପି ନେତା ଓ କର୍ମୀ ଯୋଗଦେଇଥିଲେ।

## ହୋମ୍ ଭୋଟିଂ ପୁଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ



**ଡାବୁଗାଁ,୨୫।୪(ସମିସ):** ନବରଙ୍ଗପୁର ଜିଲ୍ଲା ଡାବୁଗାଁ ବ୍ଲକ୍ କାର୍ଯ୍ୟାଳୟରେ ବିଡିଓଙ୍କ ପ୍ରକୋଷ୍ଠରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ. କମଳ ଲୋଚନ ମିଶ୍ରଙ୍କ ନିର୍ଦ୍ଦେଶ କ୍ରମେ ହୋମ୍ ଭୋଟିଂ ପୁଲିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ବିଭିନ୍ନ ଗ୍ରାମରେ ଥିବା ୮୫ ବର୍ଷ ବୟସ୍କ ବରିଷ୍ଠ ନାଗରିକ ଭୋଟର ଓ ଭିନ୍ନକ୍ଷମ ଭୋଟରମାନେ ନିଜ ଘରେ ରହି ଚଳିତ ସାଧାରଣ ନିର୍ବାଚନରେ ନିଜର ଭୋଟ ପୋଷ୍ଟାଲ ବାଲଟ୍ ମାଧ୍ୟମରେ ଦେବେ। ଡାବୁଗାଁ ବ୍ଲକରେ ୮୫ ବର୍ଷ ବୟସର ବରିଷ୍ଠ ନାଗରିକ ଭୋଟର ୨୭ ଜଣ ଓ ଭିନ୍ନକ୍ଷମ ଭୋଟର ୩୫ ଜଣ ମୋଟ ୬୨ ଜଣ ଭୋଟର ରହିଛନ୍ତି। ଏହି ହୋମ୍ ଭୋଟିଂ ପାଇଁ ୬ଟି ଟିମ୍ ଗଠନ କରାଯାଇଛି। ଏହି ୬ଟି ଟିମ୍ ତାଲିମ ନେଇଥିଲେ। ଏଥିରେ ବିଡିଓ ଶରତ ମାଝି ପୁଲିଂ ଅଧିକାରୀମାନଙ୍କୁ ତାଲିମ ଦେଇଥିଲେ। ଏଥିରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦ୍ମନାଭ ଭାଲ୍ଲା ପରିଚାଳନା କରିଥିଲେ।

# ଅନ୍ତିମ ଦିନରେ କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ନବରଙ୍ଗପୁର,୨୫।୪(ସମିସ)**

ନାମାଙ୍କନପତ୍ର ଦାଖଲର ଗୁରୁବାର ଅଷ୍ଟମ ଅର୍ଥାତ୍ ଅନ୍ତିମ ଦିବସ ହୋଇଥିବାବେଳେ ଅନ୍ତିମ ଦିନରେ ବିରାଟ ପଟୁଆର ସହ କର୍ମୀଙ୍କ ଗହଣରେ ଯାଇ ଗୋଟିଏ ଲୋକସଭା ଏବଂ ୪ ବିଧାନସଭା ଆସନ ପାଇଁ ନାମାଙ୍କନପତ୍ର ଦାଖଲ କରିଛନ୍ତି ନବରଙ୍ଗପୁର କଂଗ୍ରେସ ପ୍ରାର୍ଥୀ। ଏହି ଅବସରରେ ନବରଙ୍ଗପୁର ଚମୁରିଆଗୁଡ଼ାଠାରୁ କଂଗ୍ରେସର ଏକ ବିରାଟ ପଟୁଆର ବାହାରିଥିଲା। ଏହି ପଟୁଆରରେ ଚାମୁରିଆଗୁଡ଼ାଠାରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ସମସ୍ତ କଂଗ୍ରେସ କର୍ମୀ ଏବଂ ପ୍ରାର୍ଥୀ। ନବରଙ୍ଗପୁର କଂଗ୍ରେସ ସାଂସଦ ପ୍ରାର୍ଥୀ ଭୁଜବଳ ମାଝୀ ନିଜର ନାମାଙ୍କନପତ୍ର ଜିଲ୍ଲାପାଳ ତଥା ଜିଲ୍ଲା ମୁଖ୍ୟ ନିର୍ବାଚନ ଅଧିକାରୀ ଡ. କମଳଲୋଚନ ମିଶ୍ରଙ୍କ ନିକଟରେ ଦାଖଲ କରିଥିଲେ। ନବରଙ୍ଗପୁର ବିଧାନସଭା ପ୍ରାର୍ଥୀ ଭାବରେ ଦିଲ୍ଲୀପ ପ୍ରଧାନୀ ନିଜର ନାମାଙ୍କନପତ୍ର ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ନିକଟରେ ଦାଖଲ କରିଥିଲେ। ସେହିପରି ଡାବୁଗାଁ ବିଧାନସଭା ପ୍ରାର୍ଥୀ ଡ. ଲିପିକା ମାଝୀ ନିଜର ନାମାଙ୍କନପତ୍ର ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନଙ୍କ ନିକଟରେ ଦାଖଲ କରିଥିଲେ ଏବଂ ଉମରକୋଟ ବିଧାନସଭା ପ୍ରାର୍ଥୀ ସନରାଜ ଗଣ୍ଡ ନିଜର ନାମାଙ୍କନପତ୍ର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଥିଲେ। ଝରିଗାଁ ବିଧାନସଭା ପ୍ରାର୍ଥୀ ହାରାବତି ଗଣ୍ଡ ତାଙ୍କର ନାମାଙ୍କନପତ୍ର ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମହେଶ୍ୱର ଚନ୍ଦ୍ର ନାୟକଙ୍କ ନିକଟରେ ଦାଖଲ କରିଥିଲେ। ନାମାଙ୍କନ ଦାଖଲ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଜିଲ୍ଲା ପ୍ରଭାରୀ ଦ୍ୱାରିକା ମହାପାତ୍ର, ନବରଙ୍ଗପୁର ଜିଲ୍ଲା କଂଗ୍ରେସ ସମ୍ପାଦକ ତଥା ନଗର କଂଗ୍ରେସ ସଭାପତି ପରୀ ସାହୁ, ବରିଷ୍ଠ ଚାଷୀ ନେତା ବୃନ୍ଦାବନ ତ୍ରିପାଠୀ, ଜିଲ୍ଲା ମହିଳା ସଭାନେତ୍ରୀ ପି. ନାଗରତ୍ନାମ୍ମା, ଉମରକୋଟ ନଗର କଂଗ୍ରେସ ସଭାପତି ମାର୍କଣ୍ଡ ସାହୁ, ତୁଫାନ ଷଡ଼ଙ୍ଗୀ, ଗୋପାଳ ତ୍ରିପାଠୀ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ ବ୍ଲକ୍ ସଭାପତି, ଜୋନ୍ ସଭାପତି, ଜିଲ୍ଲାର ବହୁ କର୍ମକର୍ତ୍ତା ଏବଂ ବହୁ ସଂଖ୍ୟକ କଂଗ୍ରେସ ଦଳର ନେତା ଓ କର୍ମୀ ଉପସ୍ଥିତ ଥିଲେ।



# ପୋଟ୍ରେଲ ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେଡିର ସମୀକ୍ଷା ବୈଠକ



**କୋରୁକୋଣ୍ଡା,୨୫।୪(ସମିସ):** ଗୁରୁବାର ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ କୋରୁକୋଣ୍ଡା ବ୍ଲକ୍ ପୋଟ୍ରେଲ ଗ୍ରାମ ପଞ୍ଚାୟତ ସଦର, ଏମଭି-୩୪, ପରିମିଳା ପଦର ସମେତ ବିଭିନ୍ନ ଗ୍ରାମରେ ବିଜୁ ଜନତା ଦଳର ସାଂଗଠନିକ ସମ୍ପାଦକ ତଥା ସମ୍ବଲପୁର ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସଙ୍କ ନିର୍ଦ୍ଦେଶ କ୍ରମେ ତୃଣମୂଳସ୍ତରର ସଂଗଠନ ଉପରେ ବିଜେଡିର କୋରୁକୋଣ୍ଡା ଜିଲ୍ଲା ପରିଷଦ ଜୋନ-୧ ପ୍ରାର୍ଥିନୀ ବିଜୟଲକ୍ଷ୍ମୀ ପଡ଼ିଆମୀ ଆଲୋଚନା କରିବା ସହିତ ଆଗାମୀ ନିର୍ବାଚନରେ ବିଜୁ ଜନତା ଦଳ ଚିତ୍ରକୋଣ୍ଡା ବିଧାୟିକା ପ୍ରାର୍ଥିନୀ ଲକ୍ଷ୍ମୀପ୍ରିୟା ନାୟକ ଓ ବିଜେଡି ଲୋକସଭା ପ୍ରାର୍ଥୀ ପ୍ରଦୀପ କୁମାର ମାଝୀଙ୍କୁ ଶଙ୍ଖ ଚିହ୍ନରେ ବହୁ ମାତ୍ରାରେ ଭୋଟ୍ ଦେଇ ପୁଣି ଥରେ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବାକୁ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଥିଲେ। ଏହି ଆଲୋଚନା ବୈଠକରେ କୋରୁକୋଣ୍ଡା ବ୍ଲକ୍ ବିଜୁ ଜନତା ଦଳ ଯୁବ ସଭାପତି ମାନତୋଷ ବିଶ୍ୱାସଙ୍କ ସମେତ ବିଭିନ୍ନ ଗ୍ରାମର ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।

## କାହାପାଇଁ ଗୋଷ୍ଠୀ ଶୌଚାଳୟ

# ନିର୍ମାଣ ଶେଷ ହେବାର ୩ ବର୍ଷ ପରେ ମଧ୍ୟ ଖୋଲୁନି ତାଲା

**କୋରୁକୋଣ୍ଡା,୨୫।୪(ସମିସ)**

ସରକାର ଜନସାଧାରଣଙ୍କୁ ନିରୋଗ ରଖିବା ସହ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରଖିବା ପାଇଁ ବହୁ ଜନହିତକର ଯୋଜନାଗୁଡ଼ିକ ପ୍ରଣୟନ କରିଛନ୍ତି। ଏପରିକି ସ୍ୱଚ୍ଛ ଭାରତ ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଘରକୁ ପାଇଖାନା ଯୋଗାଇବା ସହିତ ଅଞ୍ଚଳର ବହୁ ଛକ, ଗ୍ରାମ ଓ ସହରାଞ୍ଚଳଗୁଡ଼ିକରେ ମଧ୍ୟ ସରକାରଙ୍କ ତରଫରୁ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଛି। କିନ୍ତୁ ସେଗୁଡ଼ିକ ମଧ୍ୟରୁ କିଛି ଅଞ୍ଚଳରେ ସ୍ଥାନୀୟ ପ୍ରଶାସନର ଦାୟିତ୍ୱଶୂନ୍ୟତା ଓ ଅପାରଗତା ଯୋଗୁଁ ଏବେ ବି ନିର୍ମାଣ ହୋଇଥିବା ଶୌଚାଳୟଗୁଡ଼ିକ ଲୋକାର୍ପିତ ହୋଇ ନ ପାରି ଦୀର୍ଘ ବର୍ଷ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି, ଯାହାଫଳରେ ଅଞ୍ଚଳବାସୀ ଗୋଷ୍ଠୀ ଶୌଚାଳୟ ବ୍ୟବହାରରୁ ବଞ୍ଚିତ ହେଉଥିବା ବହୁ ନଜିର ରହିଛି। କିଛି ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଚିତାପାରୀ-୦୩ ଗ୍ରାମ ପଞ୍ଚାୟତ ବାଲିମେଳା ଛକଠାରେ। ଏଠାରେ ପ୍ରଶାସନ ପକ୍ଷରୁ ତଥା ଜଳ ଓ ପରିମଳ ବିଭାଗର କର୍ତ୍ତୃପକ୍ଷଙ୍କ ନେତୃତ୍ୱରେ ଭିନ୍ନକ୍ଷମ, ପୁରୁଷ ଓ ମହିଳାଙ୍କ ପାଇଁ ୨୦୨୦-୨୧ ଆର୍ଥିକ ବର୍ଷରେ ସ୍ୱଚ୍ଛ ଭାରତ ମିଶନ ତରଫରୁ ୩ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। ତେବେ ଏହି ଗୋଷ୍ଠୀ ଶୌଚାଳୟର ନିର୍ମାଣ କାର୍ଯ୍ୟ ଶେଷ ହେବାଠାରୁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଉକ୍ତ ଶୌଚାଳୟଟି ଲୋକାର୍ପିତ ନ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଉକ୍ତ ଶୌଚାଳୟର ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଅଳିଆ ଆବର୍ଜନା ପଡ଼ିରହିଥିବା ଦେଖିବାକୁ ମିଳିଛି। ପ୍ରଥମରୁ ଏହି ନବ ନିର୍ମିତ ଶୌଚାଳୟରେ ବିଭିନ୍ନ ସମସ୍ୟା ଲାଗି ରହିଛି ମୁଖ୍ୟତଃ ପାଣି, ବିଦ୍ୟୁତ ସମସ୍ୟା।



ସୂଚନା ଥାଉକି, ଉକ୍ତ ବାଲିମେଳା ଛକଟି ବାଲିମେଳାଠାରୁ ମାଲକାନଗିରି, ବାଲିମେଳାଠାରୁ ଜୟପୁର, ବାଲିମେଳାଠାରୁ ନାକାମାମୁଡ଼ି ଓ ଚିତ୍ରକୋଣ୍ଡାକୁ ସଂଯୋଗ କରୁଥିବାବେଳେ ପ୍ରତ୍ୟେକ ଦିନ ବିଭିନ୍ନ କାର୍ଯ୍ୟ ନେଇ ବହୁ ପଞ୍ଚାୟତର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗ୍ରାମର ଲୋକେ ଉକ୍ତ ଛକ ଦେଇ କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ଲ୍ୟାମ୍ପ୍ସ, ବ୍ଲକ୍ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ଜିଲ୍ଲା ମୁଖ୍ୟାଳୟ ଓ ବିଭିନ୍ନ କଲେଜ, ସ୍କୁଲ ଛାତ୍ରଛାତ୍ରୀମାନେ ନିଜ ସ୍କୁଲ କଲେଜକୁ ଯାତାୟାତ ସମେତ ଅନ୍ୟାନ୍ୟ ଅଞ୍ଚଳକୁ ଯାତାୟାତ କରିଥାନ୍ତି। ଏଣୁ ଉକ୍ତ ବାଲିମେଳା ଛକରେ ଅଧିକାଂଶ ସମୟରେ ଲୋକଙ୍କ ଭିଡ଼ ଜମୁଥିବା ଦେଖିବାକୁ ମିଳିଥାଏ। ଏଠାରେ ହେଉଥିବା ଲୋକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଜନସାଧାରଣଙ୍କ ସୁବିଧା ନିମନ୍ତେ ସରକାରଙ୍କ ତରଫରୁ ସେଠାରେ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ପ୍ରାୟ ୩ ବର୍ଷରୁ ଊର୍ଦ୍ଧ୍ୱ ଦିନ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଉକ୍ତ ଶୌଚାଳୟଟି ଲୋକାର୍ପିତ ନ ହୋଇ ଉକ୍ତ ଗୃହରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଜନସାଧାରଙ୍କ ଲାଗି ହୋଇଥିବା ଗୋଷ୍ଠୀ ଶୌଚାଳୟଟି କାର୍ଯ୍ୟକ୍ଷମ ନ ହେବା କାରଣରୁ ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବଡ଼ ଦୁଃଖର ବିଷୟ ଉକ୍ତ ବାଲିମେଳା ଛକ ଦେଇ ପ୍ରତିଦିନ ବ୍ଲକ୍ ଓ ଜିଲ୍ଲା କାର୍ଯ୍ୟାଳୟ ଅଧିକାରୀମାନେ ଯାତାୟାତ କରୁଥିବାବେଳେ ସ୍ଥାନୀୟ ବ୍ଲକ୍ ପ୍ରଶାସନ ଓ ଜିଲ୍ଲା ପ୍ରଶାସନର କୌଣସି ଅଧିକାରୀଙ୍କ ନଜର ପଡୁ ନ ଥିବା ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏନେଇ ବ୍ଲକ୍ ଉନ୍ନୟନ ଅଧିକାରୀ ସୁଜିତ୍ ମିଶ୍ରଙ୍କୁ ପଚାରିବାରୁ ସେ କହିଥିଲେ କି, ଉକ୍ତ ଗୋଷ୍ଠୀ ଶୌଚାଳୟଟି ବାଲିମେଳା ଛକ ସ୍ଥାନୀୟ ମା' ତାରିଣୀ ଏସ୍ଏଚଜିକୁ ରକ୍ଷଣାବେକ୍ଷଣ ନିମନ୍ତେ ଦାୟିତ୍ୱ ଦିଆଯାଇଛି ଏବଂ ଏଥି ନିମନ୍ତେ ମାସିକ ୩୦୦୦ ଟଙ୍କା ମଧ୍ୟ ଉକ୍ତ ଏସଏଚଜିକୁ ଦିଆଯାଉଛି। ଆଉ ଯଦି ଏହା ସତ୍ତ୍ୱେ ମଧ୍ୟ ଉକ୍ତ ଶୌଚାଳୟଟିରେ ତାଲା ଝୁଲୁଛି, ତେବେ ଏହାର ତଦନ୍ତ କରି ଏଥିପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ଶୌଚାଳୟଟି କିପରି ଯାତ୍ରୀମାନଙ୍କ ପାଇଁ କାର୍ଯ୍ୟରେ ଆସିବ ସେଥିପ୍ରତି ଧ୍ୟାନ ଦିଆଯିବ।

**● ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହେଉଛି ମାସିକ ୩ ହଜାର ଟଙ୍କା**

## ■ ପଦାରେ ପଡ଼ିଲା କଂଗ୍ରେସର ଅନ୍ତଃବିବାଦ

# ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲକଲେ ଯୁବ ସାଧାରଣ ସମ୍ପାଦକ

**ଜୟପୁର,୨୫।୪(ସମିସ):** କୋରାପୁଟ ଜିଲ୍ଲା ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ କୋରାପୁଟ ଲୋକସଭା ମଣ୍ଡଳୀର କଂଗ୍ରେସର ଯୁବ ସାଧାରଣ ସମ୍ପାଦକ ପ୍ରତିଶ ପଟ୍ଟନାୟକ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଯାହା ଫଳରେ ଏବେ କୋରାପୁଟ ଜିଲ୍ଲା ଜୟପୁର ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ଦଳରେ ରହିଥିବା ଅନ୍ତଃବିବାଦ ଏବେ ପଦାରେ ପଡ଼ିଥିବା ଚର୍ଚ୍ଚା ହେଉଛି। ଯୁବ କଂଗ୍ରେସ ନେତା ପ୍ରତିଶ ପଟ୍ଟନାୟକ ରାଜ୍ୟର ପୂର୍ବତନ ଅର୍ଥ ଓ ଆଇନ ମନ୍ତ୍ରୀ ତଥା କଂଗ୍ରେସ ଦଳର ଟାଣୁଆ ନେତା ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କ ନାତି ହୋଇଥିବାବେଳେ ପ୍ରତିଶଙ୍କ ବାପା ବର୍ତ୍ତମାନ ପିସିସି ସଦସ୍ୟ ତଥା ପୂର୍ବତନ ସେବାଦଳର ରାଜ୍ୟ ମୁଖ୍ୟ ସଂଗଠକ ବିରେନ ମୋହନ ପଟ୍ଟନାୟକ ଅଟନ୍ତି। ପୂର୍ବାହ୍ଣରେ ଜୟପୁର ମାଦଳା ସାହି ସ୍ଥିତ ତାଙ୍କ ଘରଠାରୁ ପ୍ରାୟ ୧ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଏବଂ ଶୁଭେଚ୍ଛୁଙ୍କ ଗହଣରେ ଏକ ପଟୁଆରରେ ମୁଖ୍ୟ ରାସ୍ତା ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚି ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ାଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ଏକ ଖୋଲା ଚାରିଚକିଆ ଯାନରେ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ, ତାଙ୍କ ବାପା ତଥା ପୂର୍ବତନ କଂଗ୍ରେସ ସେବା ଦଳ ରାଜ୍ୟ ମୁଖ୍ୟ ସଂଗଠକ ବିରେନ ପଟ୍ଟନାୟକ, ତାଙ୍କ ମାଆ ତଥା କେସିସି ବ୍ୟାଙ୍କର ନିର୍ଦ୍ଦେଶିକା ସଂଘମିତ୍ରା ଦାସ, ପ୍ରତାପ ମାଦଳା, ନବୀନ ନାୟକ, ଟାଙ୍କୁଆ, ଡଙ୍ଗର ଛିଞ୍ଚି ଗ୍ରାମପଞ୍ଚାୟତର ସମର୍ଥକମାନେ ଏକ ବିଶାଳ ଶୋଭାଯାତ୍ରାରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ତେବେ କଂଗ୍ରେସ ଦଳର କର୍ମକର୍ତ୍ତା ହୋଇ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲକୁ ନେଇ ପିତା ତଥା ପୂର୍ବତନ ସେବା ଦଳ ମୁଖ୍ୟ ସଂଗଠକ ବିରେନ ପଟ୍ଟନାୟକ କହିଛନ୍ତି ଯେ ଆମେ ଦଳ ଛାଡ଼ି କୌଣସି ଅନ୍ୟ ଦଳକୁ ଯାଇନାହୁଁ, କେବଳ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରାଯାଇଛି। ଏନେଇ ରାଜ୍ୟ କଂଗ୍ରେସ ଦଳର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି ବୋଲି ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପ୍ରାର୍ଥୀ ପ୍ରତିଶ ପଟ୍ଟନାୟକ ଗତ ଦୀର୍ଘ ବର୍ଷ ହେଲାଣି ଜୟପୁର ନିର୍ବାଚନ ମଣ୍ଡଳୀର କୌଣସି ବିକାଶ ହୋଇପାରିନାହିଁ। ନିଜ ଜନ୍ମ ମାଟି ତଥା ଜୟପୁର ନିର୍ବାଚନ ମଣ୍ଡଳୀର ଉନ୍ନତି ପାଇଁ ସେ ନିଷ୍ପତ୍ତି ନେଇଛନ୍ତି। ତେଣୁ ବାଧ୍ୟବାଧକତାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି ବୋଲି ସେ କହିଛନ୍ତି। ପ୍ରକାଶ ଯେ, ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ୨୦୧୪ରୁ କଂଗ୍ରେସ ଦଳ ବରିଷ୍ଠ ସଦସ୍ୟ ତାରା ପ୍ରସାଦ ବାହିନୀପତି ବିଧାୟକ ଭାବେ ଦୁଇଥର ବିଜୟୀ ହୋଇଛନ୍ତି। ଚଳିତ ବିଧାନସଭା ନିର୍ବାଚନରେ ମଧ୍ୟ ଶ୍ରୀ ବାହିନୀପତି କଂଗ୍ରେସ ଦଳର ପ୍ରାର୍ଥୀ ଭାବେ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ୨୦୦୦ରେ ସ୍ୱାଧୀନ ପ୍ରାର୍ଥୀ ପ୍ରତିଶ ପଟ୍ଟନାୟକଙ୍କ ଜେଜେବାପା ତଥା ତତ୍କାଳିନ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରଘୁନାଥ ପଟ୍ଟନାୟକଙ୍କୁ କଂଗ୍ରେସ ଦଳ ଟିକଟ ଦେଇ ନ ଥିବା ଯୋଗୁଁ ସ୍ୱାଧୀନ ପ୍ରାର୍ଥୀ ଭାବେ ଜୟପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ରଣାଙ୍ଗନରେ ପରାଜିତ ହୋଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏଠାରେ କଂଗ୍ରେସ ଦଳ ତୃତୀୟ ସ୍ଥାନକୁ ଖସି ଯାଇଥିଲା। ବିଜେଡି ପ୍ରାର୍ଥୀ ରବିନାରାୟଣ ନନ୍ଦ ଏଠାରେ ବିଜୟୀ ହୋଇଥିଲେ।



## ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ

# ୮ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ





**ମାଲକାନଗିରି,୨୫।୪(ସମିସ):** ମାଲକାନଗିରି ଓ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଗୁରୁବାର ମୋଟ ୮ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ମାଲକାନଗିରି ଉପଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ଦୁର୍ଯ୍ୟୋଧନ ଭୋଇଙ୍କ ନିକଟରେ ମାଲକାନଗିରି ନିର୍ବାଚନ ମଣ୍ଡଳୀ ପାଇଁ ରିପବ୍ଲିକ ପାର୍ଟି ଅଫ୍ ଇଣ୍ଡିଆର ଭଗବାନ ହନ୍ତାଳ ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ବିଏସପି ଦଳରୁ ପୂର୍ବରୁ ପ୍ରାର୍ଥିପତ୍ର ଦାଖଲ କରି ଟିକଟ ସମସ୍ୟା ଯୋଗୁଁ ପୁଣିଥରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଳିତ ନାରାୟଣ ମାଡ଼କାମୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ବିଜେପି ବିଧାୟକ ପ୍ରାର୍ଥୀ ଡମ୍ବରୁ ସିସା, ଆମ୍ ଆଦମୀ ପାର୍ଟି ବିଧାୟକ ପ୍ରାର୍ଥୀ ଶରତ ଚନ୍ଦ୍ର ବୁରୁଦା, ରିପବ୍ଲିକ ପାର୍ଟି ଅଫ୍ ଇଣ୍ଡିଆର ବିଧାୟକ ପ୍ରାର୍ଥୀ ଘେନୁ ମୁଦୁଲି, ଅଖିଳ ଭାରତ ହିନ୍ଦୁ ମହାସଭାର ପଦିଆ ପଡ଼ିଆମୀ, ଜନତା ଦରବାର ପାର୍ଟିର ଲକ୍ଷ୍ମଣ ମାଡ଼କାମୀ ଓ ସ୍ୱାଧୀନ ପ୍ରାର୍ଥୀ ଭାବେ ହରିବନ୍ଧୁ ଗଲୋରୀ ନିଜ ନିଜର ନାମାଙ୍କନପତ୍ର ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସୋମନାଥ ପ୍ରଧାନଙ୍କ ନିକଟରେ ଦାଖଲ କରିଛନ୍ତି। ବିଜେପି ବିଧାୟକ ପ୍ରାର୍ଥୀ ସ୍ଥାନୀୟ ଭୈରବ ମନ୍ଦିରରେ ପୂଜାର୍ଚ୍ଚନା କରି ଏକ ବିରାଟ ଶୋଭାଯାତ୍ରାରେ ବାହାରି ବଣ୍ଡା ଓ ଆଦିବାସୀ ବାଦ୍ୟର ତାଳେ ତାଳେ ନୃତ୍ୟ କରି ମାଲକାନଗିରି ସହର ପରିକ୍ରମା କରି ପ୍ରାର୍ଥିପତ୍ର ଦାଖଲ କରିଥିବାବେଳେ ଅନ୍ୟ ପ୍ରାର୍ଥୀମାନେ ମଧ୍ୟ ବିରାଟ ଶୋଭାଯାତ୍ରାରେ ନଗର ପରିକ୍ରମା କରି ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଏଥିରେ ବହୁ ଦଳୀୟ ନେତାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଅଂଶ ଗ୍ରହଣ କରିଥିଲେ।

## ଅନ୍ତିମ ଦିବସରେ ୪ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



ଗୁଣୁପୁର,୨୫।୪(ସମିସ): ଗୁଣୁପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନିମନ୍ତେ ଗୁରୁବାର ନାମାଙ୍କନପତ୍ର ଦାଖଲର ଅନ୍ତିମ ଦିବସରେ ୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନେ ହେଲେ ଭାସ୍କର ଜାଗାରାଙ୍ଗା, କରୁଣାକର ଶବର, ନାଗଭୂଷଣ ମାଣ୍ଡାଙ୍ଗି ଏବଂ ଅଭିନାଶ ଗମାଙ୍ଗ। ଉପଜିଲ୍ଲାପାଳ କିରଣଦୀପ କୌରଙ୍କ ନିକଟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଶୁକ୍ରବାର ପ୍ରାର୍ଥିପତ୍ରଗୁଡ଼ିକ ଯାଞ୍ଚ ପ୍ରକ୍ରିୟା ରହିଥିବାବେଳେ ଆସନ୍ତା ୨୯ ତାରିଖରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ଏବଂ ସେହିଦିନ ହିଁ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ ବୋଲି ସୂଚନା ମିଳିଛି। ଗୁଣୁପୁର ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ନିମନ୍ତେ ୧୫ ଜଣ ପ୍ରାର୍ଥୀ ନାମାଙ୍କନପତ୍ର କ୍ରୟ କରିଥିବାବେଳେ ସମୁଦାୟ ୧୪ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ଜଣାପଡ଼ିଛି।

# ଟିକିରିରେ ଭୋଟର ସଚେତନତା କାର୍ଯ୍ୟକ୍ରମ

**ଟିକିରି,୨୫।୪(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଟିକିରି ପଞ୍ଚାୟତରେ ବିଗତ ଦିନରେ ନିର୍ବାଚନରେ ମତଦାନ ହାର କମ୍ ଥିବାରୁ କାଶୀପୁର ବ୍ଲକ୍ ପ୍ରଶାସନ ତରଫରୁ ଟିକିରି ପଞ୍ଚାୟତ ଗୃହଠାରେ ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମିନୀ କହଁର, ବ୍ଲକ୍ ମଙ୍ଗଳ ଅଧିକାରୀ ଅକ୍ଷୟ କୁମାର ସାହୁ, ବ୍ଲକ୍ ଜେଇ ଗୌରାଙ୍ଗ ଚରଣ ପରିଡ଼ା, ପଞ୍ଚାୟତ ପିଇଓ, ପଞ୍ଚାୟତର ବୁଥସ୍ତରୀୟ ଅଧିକାରୀ ଓ ସୁପରଭାଇଜର, ସେକ୍ଟର ଅଫିସର, ଏସବିକେ, ଅଙ୍ଗନବାଡ଼ି, ସିଆରପି, ସଚେତନ ଭୋଟର ଉପସ୍ଥିତ ରହି ପ୍ରଥମେ ଗୋଟିଏ ବୈଠକ ଅନୁଷ୍ଠିତ ହୋଇଥିଲା। ପରେ ପଞ୍ଚାୟତ ଅଫିସଠାରୁ ବାହାରି କୋରାପୁଟ ସାହି, ମୁଖ୍ୟ ବଜାର, ପୁରୁଣା ବ୍ୟାଙ୍କ ସାହି, ଗୌଡ଼ସାହି ହାତରେ ପ୍ଲାକାର୍ଡ, ଡାକବାଜି ମାଧ୍ୟମରେ ସଚେତନତା ରାଲି କରାଯାଇଥିଲା। ପରିଶେଷରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀମତୀ କହଁର ସମସ୍ତଙ୍କୁ ଧନ୍ୟବାଦ ଦେବା ସହ ଶୁକ୍ରବାର ପୁଣିଥରେ ରାଲିରେ ଯୋଗଦେବା ପାଇଁ ଆହ୍ୱାନ ଦେଇଥିଲେ।

## ଶୂନ୍ୟ ଅଙ୍ଗାରକାମ୍ଳ ନିର୍ଗମ ଦିଗରେ ବେଦାନ୍ତର ପଦକ୍ଷେପ

# ବାୟୋମାସ୍ ଉପଯୋଗରେ ଶକ୍ତି ଉତ୍ପାଦନ



**ମୁନିଗୁଡ଼ା,୨୫।୪(ସମିସ):** ଭାରତର ବୃହତମ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ବିଦ୍ୟୁତ୍ ଉତ୍ପାଦନ ପାଇଁ ବାୟୋମାସ୍ ବ୍ରିକେଟ୍ ନିୟୋଜନ ସହିତ ଇନ୍ଧନ ମିଶ୍ରଣକୁ ଅଧିକ ସ୍ଥାୟୀ କରିଛି। କମ୍ପାନୀ ବର୍ତ୍ତମାନ ଓଡ଼ିଶାର ଲାଞ୍ଜିଗଡ଼ରେ ଥିବା ବିଶ୍ୱସ୍ତରୀୟ ଆଲୁମିନା ରିଫାଇନାରୀରେ ପ୍ରତିଦିନ ୨୦ ଟନ୍ ବାୟୋମାସ୍ ବ୍ରିକେଟ୍ ବ୍ୟବହାର କରୁଛି। ଏହା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରିବା ସହିତ ପ୍ରତିବର୍ଷ ୧୦ ହଜାର ଟନରୁ ଅଧିକ ଅଙ୍ଗାରକାମ୍ଳ ସମାନ୍ତରାଳ ଭାବରେ ୟୁନିଟର ଗ୍ରୀନ୍ ହାଉସ୍ ଗ୍ୟାସ୍ (ଜିଏଚଜି) ନିର୍ଗମନକୁ ହ୍ରାସ କରିବ। ପୃଥିବୀ ଦିବସ-୨୦୨୪ ଅବସରରେ ଏହା ୨୦୫୦ କିମ୍ବା ଶୀଘ୍ର ନେଟ୍ ଜିରୋ କାର୍ବନ ହାସଲ କରିବା ପାଇଁ କମ୍ପାନୀର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଅଟେ।

ବାୟୋମାସ୍ ବ୍ରିକେଟ୍ ସ୍ଥାନୀୟ କୃଷକମାନଙ୍କଠାରୁ ମିଳିଥିବା କୃଷି ଅବଶିଷ୍ଟାଂଶରୁ ନିର୍ମିତ, ଯେଉଁମାନେ ଅନ୍ୟଥା ଏହାକୁ ଜଳାଇ ପରିବେଶ ପ୍ରଦୂଷଣର କାରଣ ସାଜିଥାନ୍ତି। ବୃତାକାର ଅର୍ଥ ବ୍ୟବସ୍ଥାକୁ ସର୍ବଦା ପ୍ରୋତ୍ସାହନ ଦେଉଥିବା ବେଦାନ୍ତ ଆଲୁମିନିୟମ୍ କୃଷକମାନଙ୍କୁ ସେମାନଙ୍କ ଫସଲର ଉପଯୁକ୍ତ ପାରିଶ୍ରମିକ ଦେଇ ଏହି ପଦକ୍ଷେପ ମାଧ୍ୟମରେ ସେମାନଙ୍କ କାର୍ଯ୍ୟ କ୍ଷେତ୍ରରେ କୃଷକଙ୍କ ଆୟକୁ ମଧ୍ୟ ବୃଦ୍ଧି କରୁଛି। ବାଲକୋ, ଭାରତର ବିଶ୍ୱସ୍ତରୀୟ ଆଲୁମିନିୟମ୍ ଉତ୍ପାଦକ ତଥା ଛତିଶଗଡ଼ର କୋରବାଠାରେ ଅବସ୍ଥିତ ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍ ପୂର୍ବରୁ ମଧ୍ୟ ଏହିପରି ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଛି। ଏହଛଡ଼ା କମ୍ପାନୀ ଏହାର କାର୍ଯ୍ୟକୁ ଦେଶବ୍ୟାପୀ ଶକ୍ତି ଯୋଗାଇବା ପାଇଁ ୧୩୩୫ ମେଗାୱାଟ୍ ଅକ୍ଷୟ ଶକ୍ତି ଉତ୍ସ କରିବାକୁ ଦୀର୍ଘକାଳୀନ ଶକ୍ତି ବିତରଣ ଚୁକ୍ତିନାମା କରିଛି। ଭାରତ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ ଶକ୍ତି ପ୍ରଣାଳୀକୁ ଏକୀଭୂତ କରିବା ଦିଗରେ କାର୍ଯ୍ୟ କରୁଥିବାରୁ ଆମ ଅପରେସନ୍ ମଧ୍ୟରେ ବାୟୋମାସ୍ ସହ ରଣନୈତିକ ନିୟୋଜନ ନିର୍ଗମନ ହାସଲ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ଏହି ଅବସରରେ ଉଦବୋଧନ ଦେଇ ସିଇଓ ଆଲୁମିନା ବିଜନେସ୍, ବେଦାନ୍ତ ଲିମିଟେଡର ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି। ହ୍ରାସ ଲକ୍ଷ୍ୟ ଏବଂ ଗ୍ରାମୀଣ ଅର୍ଥନୀତିକୁ ସମର୍ଥନ କରିବା ଆମର କାର୍ଯ୍ୟକଳାପକୁ ଡିକାର୍ବୋନାଇଜିଂ ଟେକ୍ନୋଲୋଜିର ମୂଲ୍ୟାଙ୍କନ କରିବା ପାଇଁ ଏହା ଆମର ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗଠନ କରେ।

ପୃଥିବୀ ଦିବସ ଅବସରରେ କମ୍ପାନୀ ଏହାର ବିକାଶ ପ୍ରକଳ୍ପ ଜୀବିକା ସମୃଦ୍ଧି ତତ୍ତ୍ୱାବଧାନରେ ଝାରସୁଗୁଡ଼ା ଓଡ଼ିଶାରେ କୃଷକମାନଙ୍କ ପାଇଁ ସଚେତନ ଅଧିବେଶନ ଆୟୋଜନ କରିଥିଲା; ଯାହା କୃଷିର ଅଧିକ ଦକ୍ଷ ପଦ୍ଧତି ମାଧ୍ୟମରେ ଆୟ ଉପାର୍ଜନକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ସମନ୍ୱିତ ପୁଷ୍ଟିକର ଏବଂ କୀଟନାଶକ ପରିଚାଳନା ପାଇଁ ଜୈବସାରର ପ୍ରସ୍ତୁତି ଏବଂ ବ୍ୟବହାର ବିଷୟରେ ଅଧିବେଶନଗୁଡ଼ିକରେ କୌଶଳ ପ୍ରଦାନ କରାଯାଇଥିଲା। ଏଥିସହ କମ୍ପାନୀ ପିଲାମାନଙ୍କ ପାଇଁ ଏକ ଆବର୍ଜନାରୁ ସମ୍ପଦ-ଥିମ୍ ଆଧାରିତ ପ୍ରତିଯୋଗିତା ମଧ୍ୟ ଆୟୋଜନ କରିଥିଲା। ପୁରାତନ କପଡ଼ା, ପ୍ଲାଷ୍ଟିକ୍ ବାସନ, କାର୍ଡ ବୋର୍ଡ ଖଣ୍ଡ ଏବଂ ଏପରିକି ନଡ଼ିଆ ସେଲ ଭଳି ପୁନଃ ବ୍ୟବହାରଯୋଗ୍ୟ ସାମଗ୍ରୀର ଅଭିନବ ବ୍ୟବହାର ପ୍ରଦର୍ଶନ କରିବାକୁ ଭବିଷ୍ୟତର ଷ୍ଟିୱାର୍ଡମାନଙ୍କ ପାଇଁ ଏହା ଏକ ସୁଯୋଗ ଥିଲା।

ବେଦାନ୍ତ ଆଲୁମିନିୟମ୍ ୨୦୫୦ ସୁଦ୍ଧା ନେଟ୍ ଜିରୋ ହାସଲ କରିବାକୁ ପ୍ରତିଶ୍ରୁତି ଦେଇଛି। କାର୍ଯ୍ୟକ୍ଷମ ଉତ୍କର୍ଷତା ଏବଂ ଶକ୍ତି ମିଶ୍ରଣରେ ନବୀକରଣ ଯୋଗ୍ୟ କାର୍ଯ୍ୟକାରିତାକୁ ବଢ଼ାଇ କାର୍ବନ ଫୁଟ୍ ପ୍ରିଣ୍ଟ ହ୍ରାସ କରିବାର ଦୁଇଗୁଣ ରଣନୀତି ଆପଣେଇଛି ଏବଂ ବ୍ୟାପକ ଚାରାରୋପଣ ଉଦ୍ୟମ ମାଧ୍ୟମରେ ଏହାର କାର୍ବନ ଫୁଟ୍ ପ୍ରିଣ୍ଟକୁ ମଧ୍ୟ ବନ୍ଦ କରିଦେଇଛି। ଏହାର କାର୍ଯ୍ୟକଳାପ ମାଧ୍ୟମରେ କମ୍ପାନୀ ଗ୍ରହର ସବୁଜ ଭବିଷ୍ୟତ ନିଶ୍ଚିତ କରିବାକୁ ଦାୟିତ୍ୱବାନ ଭାବରେ ଉତ୍ପାଦିତ, ଉଚ୍ଚ ଗୁଣାତ୍ମକ ଆଲୁମିନିୟମକୁ ବ୍ୟାପକ ବିଶ୍ୱସ୍ତରୀୟ ପ୍ରବେଶ ସକ୍ଷମ କରୁଛି। ବେଦାନ୍ତର ବିଶ୍ୱ ଶ୍ରେଣୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନିୟମ ରିଫାଇନାରୀ ଓ ପାୱାରପ୍ଲାଣ୍ଟର ଅତ୍ୟାଧୁନିକ ସୁବିଧା, ଦକ୍ଷ ଇଞ୍ଜିନିୟରିଂ ଶକ୍ତିକୁ ନେଇ ଏକ ସବୁଜ ଭବିଷ୍ୟତ ପାଇଁ ମେଟାଲ ଅଫ୍ ଦି ଫ୍ୟୁଚର ଭାବରେ ଆଲୁମିନିୟମର ପ୍ରୟୋଗକୁ ପ୍ରସାରିତ କରିବା ପାଇଁ କମ୍ପାନୀ ତା'ର ଲକ୍ଷ୍ୟ ପୂରଣ କରୁଛି।

# ଉମରକୋଟ ବ୍ଲକ୍‌ସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ



**ଉମରକୋଟ,୨୫।୪(ସମିସ)**

ସ୍ଥାନୀୟ ସରକାରୀ ନୋଡାଲ ଏସ୍ଏସଡି ଉଚ୍ଚ ବିଦ୍ୟାଳୟଠାରେ ବ୍ଲକସ୍ତରୀୟ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିତି ରଞ୍ଜନ ମିଶ୍ର ଯୋଗଦେଇ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମଟି ଆବାହକ ତଥା ଗୋଷ୍ଠୀ ଶିକ୍ଷା ଅଧିକାରୀ ବିକାଶ ଚନ୍ଦ୍ର ସରକାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୨୦୦ରୁ ଊର୍ଦ୍ଧ୍ୱ ଶିକ୍ଷଣ ସାମଗ୍ରୀ ଏଥିରେ ପ୍ରଦର୍ଶିତ ହୋଇଥିଲା। ଶିକ୍ଷକଶିକ୍ଷୟିତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଏହି ଶିକ୍ଷଣ ସାମଗ୍ରୀଗୁଡ଼ିକୁ ଅତିଥିଦ୍ୱୟ ବୁଲି ଦେଖିବା ସହ ସେଗୁଡ଼ିକର ଉପଯୋଗିତା ବିଷୟରେ ଜାଣିବାକୁ ଚାହିଁଥିଲେ। ଶ୍ରେଣୀକକ୍ଷରେ ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାରେ ସେଗୁଡ଼ିକର ଉପାଦେୟତା ବିଷୟରେ ଶିକ୍ଷକମାନେ ନିଜ ନିଜ ମତ ରଖିଥିଲେ। ଉମରକୋଟ ବ୍ଲକର ଶୈକ୍ଷିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଏହି ଅଭିନବ ପ୍ରୟାସ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସିତ ହୋଇପାରିଛି। କାର୍ଯ୍ୟକ୍ରମର ସଫଳ ରୂପାୟଣରେ ବ୍ଲକର ସମସ୍ତ ସିଆରସିସି, ଶିକ୍ଷକଶିକ୍ଷୟିତ୍ରୀବୃନ୍ଦ ସକ୍ରିୟ ସହଯୋଗ କରିଥିଲେ।

# ଆଜି ନବରଙ୍ଗପୁର ଆସୁଛନ୍ତି ବିଜେଡି ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ

**ନବରଙ୍ଗପୁର,୨୫।୪(ସମିସ)**



ଶୁକ୍ରବାର ନବରଙ୍ଗପୁର ଜିଲ୍ଲା ଗସ୍ତରେ ଆସିବେ ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ୍ ପାଣ୍ଡିଆନ୍। ଗତ ୨୪ ତାରିଖଠାରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ନିର୍ବାଚନ ପ୍ରଚାର କରି ବିଜୁ ଜନତା ଦଳର ଜୟଯାତ୍ରା ଆରମ୍ଭ କରିଥିବାବେଳେ ଶୁକ୍ରବାର ନବରଙ୍ଗପୁର ଜିଲ୍ଲାରେ ଥିବା ଗୋଟିଏ ଲୋକସଭା ନିର୍ବାଚନ ମଣ୍ଡଳୀ ଏବଂ ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଷ୍ଟାର୍ ପ୍ରଚାରକ ଭାବେ କାର୍ତ୍ତିକ ପାଣ୍ଡିଆନ୍ ନିର୍ବାଚନ ପ୍ରଚାର ଆରମ୍ଭ କରିବେ ବୋଲି ସୂଚନା ମିଳିଛି। ଶୁକ୍ରବାର ସକାଳ ୭ଟା ୪୦ ମିନିଟରେ ଭୁବନେଶ୍ୱରରୁ ବାହାରି ସକାଳ ୮ଟା ୪୦ ମିନିଟରେ ଜୟପୁର ବିମାନ ବନ୍ଦରରେ ପହଞ୍ଚିବେ ଶ୍ରୀ ପାଣ୍ଡିଆନ୍। ସକାଳ ୮ଟା ୫୦ ମିନିଟରେ ଜୟପୁରରୁ ବାହାରି ପ୍ରଥମେ ନବରଙ୍ଗପୁର ଜିଲ୍ଲା ଉମରକୋଟ ନିର୍ବାଚନ ମଣ୍ଡଳୀର ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ସକାଳ୯ଟା ୨୦ ମିନିଟ୍ ସମୟରେ ହେଲିକପ୍ଟର ଯୋଗେ ପହଞ୍ଚିବେ। ପରେ ଉମରକୋଟ ବିଜୁ ପଟ୍ଟନାୟକ ଷ୍ଟାଡିୟମଠାରେ ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଏବଂ ଉମରକୋଟ ବିଧାୟିକା ପ୍ରାର୍ଥିନୀ ନବୀନା ନାୟକଙ୍କ ନିମନ୍ତେ ବିଜେଡି କର୍ମୀ, ସମର୍ଥକ ଏବଂ ଜନସାଧାରଣଙ୍କୁ ନେଇ ଏକ ବିଶାଳ ନିର୍ବାଚନୀ ସଭାରେ ଯୋଗଦେଇ ଉଦବୋଧନ ଦେବେ। ସେଠାରେ ପ୍ରଥମେ ସଭାକାର୍ଯ୍ୟ ସାରିବା ପରେ ସକାଳ ୧୦ ଟା ୨୫ ମିନିଟ୍ ସମୟରେ ଝରିଗାଁ ନିର୍ବାଚନ ମଣ୍ଡଳୀର ଧୋଡ୍ରା ହାଇସ୍କୁଲ୍ ପଡ଼ିଆଠାରେ ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଏବଂ ଝରିଗାଁ ବିଧାୟକ ପ୍ରାର୍ଥୀ ରମେଶ ଚନ୍ଦ୍ର ମାଝୀଙ୍କ ନିମନ୍ତେ ଆୟୋଜିତ ଏକ ବିଶାଳ ନିର୍ବାଚନୀ ସଭାରେ ଯୋଗଦେଇ ଉଦବୋଧନ ଦେବେ। ଏହାପରେ ଡାବୁଗାଁ ଅଭିମୁଖେ ବାହାରି ଡାବୁଗାଁ ନିର୍ବାଚନ ମଣ୍ଡଳୀର ମୈଦଲପୁର ମହାବିଦ୍ୟାଳୟ ପଡ଼ିଆଠାରେ ପୂର୍ବାହ୍ନ ୧୧ଟା ୩୦ ମିନିଟ୍ ସମୟରେ ପହଞ୍ଚିବେ। ମୈଦଲପୁର ମହାବିଦ୍ୟାଳୟ ପଡ଼ିଆଠାରେ ପହଞ୍ଚି ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଏବଂ ଡାବୁଗାଁ ବିଧାୟକ ପ୍ରାର୍ଥୀ ମନୋହର ରନ୍ଧାରୀଙ୍କ ନିମନ୍ତେ ଏକ ବିଶାଳ ନିର୍ବାଚନୀ ସଭାରେ ଯୋଗଦେଇ ଉଦବୋଧନ ଦେବେ। ଏହାପରେ ନବରଙ୍ଗପୁର ନିର୍ବାଚନ ମଣ୍ଡଳୀ ଅଭିମୁଖେ ବାହାରି ନବରଙ୍ଗପୁର ନିର୍ବାଚନ ମଣ୍ଡଳୀର ତେନ୍ତୁଳିଖୁଣ୍ଟି ବ୍ଲକ ପୂଜାରୀଗୁଡ଼ା ଷ୍ଟାଡିୟମଠାରେ ଅପରାହ୍ନ ୪ଟାରେ ପହଞ୍ଚିବେ। ପୂଜାରୀଗୁଡ଼ା ଷ୍ଟାଡିୟମଠାରେ ପହଞ୍ଚି ନବରଙ୍ଗପୁର ସାଂସଦ ପ୍ରାର୍ଥୀ ପ୍ରଦୀପ ମାଝୀ ଏବଂ ନବରଙ୍ଗପୁର ବିଧାୟିକା ପ୍ରାର୍ଥିନୀ କୌଶଲ୍ୟା ପ୍ରଧାନୀଙ୍କ ନିମନ୍ତେ ବିଜେଡି କର୍ମୀ, ସମର୍ଥକ ଏବଂ ଜନସାଧାରଣଙ୍କୁ ନେଇ ଏକ ବିଶାଳ ନିର୍ବାଚନୀ ସଭାରେ ଯୋଗଦେଇ ଉଦବୋଧନ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଗସ୍ତକୁ ନେଇ ନବରଙ୍ଗପୁର ଜିଲ୍ଲା ପୁଲିସ ସମେତ ଉମରକୋଟ ପୁଲିସ, ଝରିଗାଁ ପୁଲିସ, ଡାବୁଗାଁ ପୁଲିସ ଏବଂ ତେନ୍ତୁଳିଖୁଣ୍ଟି ପୁଲିସ ପକ୍ଷରୁ ବ୍ୟାପକ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନଙ୍କ ଏହି ଗସ୍ତକୁ ନେଇ ନବରଙ୍ଗପୁର ବିଜୁ ଜନତା ଦଳର ନେତା, ପ୍ରାର୍ଥୀ, କର୍ମୀ ଏବଂ ସମର୍ଥକମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଛି।

## ବିପୁଳ ପରିମାଣର ବିଦେଶୀ ମଦ ଜବତ

**କୋଷାଗୁମୁଡ଼ା,୨୫।୪(ସମିସ):** ନବରଙ୍ଗପୁର ଅବକାରୀ ଅଧିକ୍ଷକ ଅଭିରାମ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଓ ନବରଙ୍ଗପୁର ଅବକାରୀ ଇନ୍ସପେକ୍ଟର ଦିଲ୍ଲୀପ କୁମାର ରଥ, କୋଡ଼ିଙ୍ଗା ଅବକାରୀ ଇନ୍ସପେକ୍ଟର ସୁଶୀଲ କୁମାର ଭୁଇ, ଏଏସଆଇ ଏଲିଜା ବିଶୋଇ, କୋଡ଼ିଙ୍ଗାଙ୍କ ନେତୃତ୍ୱରେ ନିର୍ବାଚନ ଆଚରଣ ବିଧି ଲାଗୁପରେ ଜିଲ୍ଲାର ପ୍ରତ୍ୟେକ ସ୍ଥାନରେ ନିଶାଦ୍ରବ୍ୟ ପ୍ରତି ଚଢଉ ସହ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ନିର୍ଦ୍ଦେଶକୁ ଦୃଷ୍ଟିରେ ରଖି ଆଜି କେର୍ଲା ଗ୍ରାମ ନିକଟସ୍ଥ ମୁଖ୍ୟ ରାସ୍ତା ଉପରେ ଜଣେ ମଦ ଚାଲାଣକାରୀଙ୍କ ପାଖରୁ ବିଦେଶୀ ମଦ ସହ ବ୍ୟବହୃତ ସ୍କୁଟିକୁ ବିଭାଗ ପକ୍ଷରୁ ଜବତ କରାଯାଇଛି। ମିଳିଥିବା ସୂଚନା ଅନୁସାରେ କୋଡ଼ିଙ୍ଗା ଅବକାରୀ ବିଭାଗର ପାଟ୍ରୋଲିଂ ସମୟରେ କେର୍ଲା ଗାଁର ମୁଖ୍ୟରାସ୍ତା ଉପରେ ମୁଣ୍ଡାଗୁଡା ବା ଆମଡିଗୁଡ଼ାର ରାଜେନ୍ଦ୍ର ପ୍ରଧାନ ଓରଫ କୁନାଲ ନାମକ ବ୍ୟକ୍ତିଙ୍କ ପାଖରୁ ପ୍ରାୟ ୬୦ଟି ବିଏର ଯାହାକି ୪୯ଲିଟରର ବିଦେଶୀ ମଦ ସହ ଏକ ସ୍କୁଟି (ସିଜି-୧୭କେ, ଏକ୍ସ-୭୯୦୧)କୁ ଜବତ କରାଯାଇଛି। ଅଭିଯୁକ୍ତ କୋରାପୁଟ ଜିଲ୍ଲାର କୋଟପାଡ଼ ପଟରୁ ଏହି ମଦ ନେଇ ଆସୁଥିବାବେଳେ କୋଡ଼ିଙ୍ଗା ଅବକାରୀ ବିଭାଗ ଧରିଥିଲେ। ଏହି ଚଢ଼ଉରେ କୋଡ଼ିଙ୍ଗା ଅବକାରୀ ବିଭାଗ କନେଷ୍ଟବଳ ଆକ୍ରମ ଖାଁ, ରମେଶ ପ୍ରଧାନ, ଦେବେନ୍ଦ୍ର ସମରଥ ପ୍ରମୁଖ କର୍ମଚାରୀ ସାମିଲ ଥିଲେ ବୋଲି କୋଡ଼ିଙ୍ଗା ଅବକାରୀ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ଓ କର୍ମୀ ସମ୍ମିଳନୀ



**ଏମଭି୭୯,(ସମିସ)୨୫।୪:** ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ଇଦିକୋଣ୍ଡା ଗ୍ରାମଠାରେ ନିର୍ବାଚନୀ ବୈଠକ ସହ ଏମପିଭି ୭୪ ଗ୍ରାମରେ ବିଜୁ ଜନତା ଦଳର ଅସ୍ଥାୟୀ କାର୍ଯ୍ୟାଳୟ ଉଦଘାଟନ କରାଯାଇଛି। ଜିଲ୍ଲା ସଭାପତି ତଥା ମାଲକାନଗିରି ବିଧାନସଭା ବିଧାୟକ ପ୍ରାର୍ଥୀ ମାନସ ମାଡ଼କାମି ଓ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ତ୍ରିପାଠୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ପ୍ରଥମେ ଏମପିଭି ୭୪ ଗ୍ରାମରେ ଦଳୀୟ ନେତୃମଣ୍ଡଳୀ ଓ କର୍ମୀଙ୍କ ସହ ଏକ ଶୋଭାଯାତ୍ରାରେ ଯାଇ ଦଳୀୟ କାର୍ଯ୍ୟାଳୟ ଉଦଘାଟନ କରିଥିଲେ। ଏହାପରେ ଇଦିକୋଣ୍ଡାକୁ ଯାଇ ଦଳୀୟ କର୍ମୀ ଓ ନେତୃମଣ୍ଡଳୀଙ୍କ ସହ ନିର୍ବାଚନକୁ ନେଇ ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଭୋଟରଙ୍କୁ ଆକୃଷ୍ଟ କରିବା ସହ ନିର୍ବାଚନ ପ୍ରଚାର କାର୍ଯ୍ୟକୁ ନେଇ ଏହି ବୈଠକରେ ପୂର୍ବ ପ୍ରସ୍ତୁତି କରାଯାଇଥିଲା।

## ଜିଙ୍ଗିଲିବାଡ଼ି ଗ୍ରାମରେ ରାସ୍ତା ନିର୍ମାଣ ପାଇଁ ଦାବିକଲେ ଗ୍ରାମବାସୀ

ଜେକେପୁର,୨୫।୪(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ୍ ପେଣ୍ଟା ପଞ୍ଚାୟତ ଅନ୍ତର୍ଗତ ଜିଙ୍ଗିଲିବାଡ଼ି ଗ୍ରାମବାସୀ ଗ୍ରାମର ରାସ୍ତା ଓ ଡ୍ରେନ୍ ତିଆରି ପାଇଁ ଗୁରୁବାର ରାଜ୍ୟ ରାଜପଥ ନିକଟରେ ଶତାଧିକ ପୁରୁଷ ଓ ମହିଳା ଥାଳି ଓ ପ୍ଲାକାର୍ଡ ଧରି ଭିକମାଗି ରାସ୍ତା ଓ ଡ୍ରେନ ତିଆରି ପାଇଁ ଦାବି କରିଥିବାବେଳେ ଆଗାମୀ ୧୫ ଦିନ ମଧ୍ୟରେ ଯଦି କାମ ଆରମ୍ଭ ନ ହୁଏ ତେବେ ଭୋଟ୍ ବର୍ଜନ କରିବେ ବୋଲି ଚେତାବନୀ ଶୁଣାଇଛନ୍ତି। ଗ୍ରାମରେ ୯୯୮ ଜଣ ଭୋଟର ଥିବାବେଳେ ୧୩୦୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଦୀର୍ଘ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ରାସ୍ତା କାମ ହୋଇନାହିଁ। ବର୍ଷା ହେଲେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଉପରେ ଏକ ଫୁଟର ପାଣି କାଦୁଅ ହେଉଛି। ଫଳରେ ଡାଇରିଆ, ଜ୍ୱରରେ ଲୋକେ ଆକ୍ରାନ୍ତ ହେଉଥିବା ଅଭିଯୋଗ ହେଉଛି। ଗାଁକୁ ଆମ୍ବୁଲାନ୍ସ ଆସିବାରେ ଅସୁବିଧା ହେଉଛି। ପିଲାମାନେ ସ୍କୁଲ ଯିବାରେ ମଧ୍ୟ ଅସୁବିଧା ଭୋଗୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।

## କଂଗ୍ରେସକୁ ଝଟ୍‌କା; ସ୍ୱାଧୀନ ଭାବେ ସାମ୍ବା ପାଙ୍ଗିଙ୍କ ପ୍ରାର୍ଥିପତ୍ର ଦାଖଲ

**ସେମିଳିଗୁଡ଼ା,୨୫।୪(ସମିସ):** କୋରାପୁଟ ଜିଲ୍ଲାର ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଭାବେ ସାମ୍ବା ପାଙ୍ଗି ଗୁରୁବାର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ନିଜ ସମର୍ଥକଙ୍କ ସହ କୋରାପୁଟରେ ଉପଜିଲ୍ଲାପାଳ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ସେ କଂଗ୍ରେସ ନେତା ଭାବେ ପରିଚିତ। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଟିକଟ ପାଇଁ ଲବି କରିଥିଲେ। କିନ୍ତୁ କଂଗ୍ରେସ ଟିକଟ ପୂର୍ବତନ ବିଧାୟକ



ରାମଚନ୍ଦ୍ର କାଡ଼ାମଙ୍କୁ ମିଳିଥିଲା। ସେଥିପାଇଁ ନିଜ ସମର୍ଥକଙ୍କ ଦାବି ଅନୁଯାୟୀ ସାମ୍ବା ସ୍ୱାଧୀନ ଭାବେ ଲଢ଼ିବା ପାଇଁ ନିଷ୍ପତ୍ତି ନେଲେ। ତେବେ କଂଗ୍ରେସ ପାଇଁ ମୁଣ୍ଡବ୍ୟଥା ପାଲଟି ଯାଇଛି। ମେ' ୧୩ରେ ହେବାକୁ ଥିବା ନିର୍ବାଚନର ପ୍ରାର୍ଥିପତ୍ର ଦାଖଲ ଶେଷ ହେଇଥିବାବେଳେ ପଟ୍ଟାଙ୍ଗି ନିର୍ବାଚନ ମଣ୍ଡଳୀରେ ୧୫ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ୭ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।

## ଆଇଏଫ୍‌ଏସ୍ ପ୍ରୋବେସନର ନାଗରାଜୁ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ

**କୋରାପୁଟ,୨୫।୪(ସମିସ):** ନ୍ୟାସନାଲ ସ୍କୁଲ୍ ଅଫ୍ ଇଣ୍ଡିଆନ ୟୁନିଭର୍ସିଟି ବେଙ୍ଗାଲୁରୁ ଦ୍ୱାରା ପରିବେଶଗତ ଆଇନ ସମ୍ପର୍କରେ ଅନୁଷ୍ଠିତ ସର୍ବଭାରତୀୟ ପରୀକ୍ଷାରେ ଡେରାଡୁନର ଆଇଏଫ୍‌ଏସ୍ ପ୍ରୋବେସନର ଭାବେ ତାଲିମ ନେଉଥିବା କେ.ନାଗରାଜୁ ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ କୋରାପୁଟକୁ ଗୌରବ ଆଣିଦେଇଛନ୍ତି।





ଏସଟି ଡେରାଡୁନ୍, ଆଇଜିଏନଏଫଏରେ ୨୦୨୨ ବ୍ୟାଚର ଆଇଏଫଏସ ପ୍ରୋବେସନର୍ସଙ୍କ ସମ୍ମିଳନୀରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କୁ ସମ୍ମାନିତ କରିଛନ୍ତି। କୋରାପୁଟ ମୁତ୍ୟାଲୁମା ମନ୍ଦିରର ପୂଜକ ତଥା ବରିଷ୍ଠ ଆଇନଜୀବୀ କେ. ବାଲାକ୍ରୀଷ୍ଣାଙ୍କ ସୁପୁତ୍ର କେ. ନାଗରାଜୁ ସର୍ବଭାରତୀୟ ଆଇଏଫ୍‌ଏସ୍ ପରୀକ୍ଷାରେ ୪୦ତମ ସ୍ଥାନ ରଖି ଉତ୍ତୀର୍ଣ୍ଣ ହୋଇ ବର୍ତ୍ତମାନ ପ୍ରୋବେସନର ସମାପ୍ତ କରିଛନ୍ତି। ତାଲିମ ସରିବା ପରେ ବୁଧବାର ତାଙ୍କୁ ଓଡ଼ିଶା କ୍ୟାଡରରେ ଯୋଗଦେବା ପାଇଁ ସୁଯୋଗ ମିଳିଥିବା ନାଗରାଜୁଙ୍କ ବାପା ବାଲାକ୍ରୀଷ୍ଣା ଜଣାଇଛନ୍ତି। କୋରାପୁଟ ଭଳି ଏକ ଉପାନ୍ତ ଅଞ୍ଚଳରୁ ନିଜ ଉଦ୍ୟମରେ ଆଇଆଇଟି ଖଡ଼ଗପୁରରେ ଅଧ୍ୟୟନ କରି ସେହି ଅନୁଷ୍ଠାନରେ ଅଧ୍ୟାପନାର ସୁଯୋଗ ପାଇଥିବା ନାଗରାଜୁଙ୍କୁ ସର୍ବଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବାର ସୁଯୋଗ ମିଳିଥିଲା। ଅଧିକ ତାଲିମ ପାଇବା ପାଇଁ ଦିଲ୍ଲୀ ଯାଇ ଦୀର୍ଘ ପାଞ୍ଚ ବର୍ଷ ପ୍ରୟାସ କରିବା ପରେ ଚତୁର୍ଥ ଥର ପରୀକ୍ଷା ଦେଇ ଇଣ୍ଡିଆନ ଫରେଷ୍ଟ ସର୍ଭିସରେ ସର୍ବଭାରତୀୟସ୍ତରରେ ୪୦ତମ ସ୍ଥାନ ରଖି କୋରାପୁଟ ପାଇଁ ଗର୍ବ ଗୌରବ ଆଣିଦେଇଥିଲେ। କୋରାପୁଟରେ ଜନ୍ମଗ୍ରହଣ କରି ବଣ ପାହାଡ଼ ମଧ୍ୟରେ ଥିବା ପରିବେଶରେ ବଢ଼ିଥିବା କାରଣରୁ ଧରାପୃଷ୍ଠକୁ କିପରି ସବୁଜ ସୁନ୍ଦର କରି ରଖିହେବ ସେହି ଦିଗରେ କାମ କରିବା ପାଇଁ ଏହି ପ୍ରାଶାସନିକ ସେବାରେ ଯୋଗଦେବା ଏକ ମାଇଲ ଖୁଣ୍ଟ ସଦୃଶ ହେବ ବୋଲି ଶ୍ରୀ ନାଗରାଜୁ ସ୍ୱପ୍ନ ଦେଖିଥିଲେ। ଆଜି ଓଡ଼ିଶାରେ ସେବା କରିବା ପାଇଁ ସୁଯୋଗ ପାଇବା ପୂର୍ବରୁ ତାଙ୍କ ଶିକ୍ଷାଗତ ଉତ୍କର୍ଷ ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରା ସେ ସମ୍ମାନିତ ହେବା ତାଙ୍କୁ ଆହୁରି ଅଧିକ ଉତ୍ସାହ ପ୍ରଦାନ କରିଥିବା ଶ୍ରୀ ନାଗରାଜୁ ଜଣାଇଛନ୍ତି।

## କଂଗ୍ରେସରେ ବିଜେପି ନେତାଙ୍କ ଯୋଗଦାନ

ବୋରିଗୁମ୍ମା,୨୫।୪(ସମିସ): ବୋରିଗୁମ୍ମା ବ୍ଲକର ଜଣେ ଜଣାଶୁଣା ଯୁବ ସମାଜସେବୀ ତଥା ବୋରିଗୁମ୍ମା ମଣ୍ଡଳର ପୂର୍ବତନ ବିଜେପି ସଭାପତି ବିଜୟ ନାରାୟଣ ସାହୁ ଗୁରୁବାର ମଧ୍ୟାହ୍ନରେ ବିଧିବଦ୍ଧ ଭାବେ କଂଗ୍ରେସରେ ଯୋଗଦେଇଛନ୍ତି। ବୋରିଗୁମ୍ମା ବ୍ଲକ୍ କଂଗ୍ରେସ କାର୍ଯ୍ୟାଳୟରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ଉପସ୍ଥିତିରେ କଂଗ୍ରେସରେ ଯୋଗଦେଇଛନ୍ତି। ସ୍ଥାନୀୟ ବିଧାୟକ ଶ୍ରୀ ବାହିନୀପତିଙ୍କ ନୀତି ଆଦର୍ଶକୁ ଅନୁସରଣ କରି କଂଗ୍ରେସରେ ଯୋଗ ଦେଇଛନ୍ତି ବୋଲି ବିଜୟ ନାରାୟଣ ସାହୁ ନିଜ ବକ୍ତବ୍ୟରେ କହିଛନ୍ତ। ସେ ଦୀର୍ଘ ବର୍ଷରୁ ବିଜେପିର ସକ୍ରିୟ ସଦସ୍ୟ ରହି ବୋରିଗୁମ୍ମା ଅଞ୍ଚଳରେ ବିଜେପି ପାଇଁ କାମ କରି ଆସୁଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନରେ ବିଜେପି ପକ୍ଷରୁ ବୋରିଗୁମ୍ମା ଜୋନର ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ ବିଜେପିର ନୀତି ଆଦର୍ଶ ଠିକ୍ ନ ଥିବାରୁ ବିଜେପି ତ୍ୟାଗ କରି ଜାତୀୟ କଂଗ୍ରେସରେ ଯୋଗଦେଇଛନ୍ତି। ତାଙ୍କ ସହ ଶହ ଶହ ଯୁବକ ବିଜେପି ଛାଡ଼ି କଂଗ୍ରେସରେ ଯୋଗଦେଇଛନ୍ତି। ପ୍ରକାଶଥାଉ କି, କଂଗ୍ରେସରେ ଯୋଗଦେଇଥିବା ବିଜୟ ନାରାୟଣ ସାହୁ ବର୍ତ୍ତମାନ ବୋରିଗୁମ୍ମା ପ୍ରେସ କ୍ଲବର ସଭାପତି ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଗୋପୀ ପଟ୍ଟନାୟକ, ତ୍ରିନାଥ ପଟ୍ଟନାୟକ, ଏମ.ଶିବା, ହୃଷୀକେଶ ଦଳାଇ, ଶେଖ ସଲିମ, ଗୋବର୍ଦ୍ଧନ ଭୂମିଆ, ମୁନୁ ଭତ୍ରା, ଶେଖ ରଫି, ଭଗବାନ ହରିଜନ, ତିଳ ହରିଜନ ପ୍ରମୁଖ କଂଗ୍ରେସରେ ଯୋଗଦେଇଥିଲେ। କଂଗ୍ରେସର ମିଶ୍ରଣ ପର୍ବରେ ବ୍ଲକ୍ କଂଗ୍ରେସ ସଭାପତି ଅଶୋକ କୁମାର ଗନ୍ତାୟତ, କେ.ସୁଧାକର, ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥୀ, ପି. ଧବଳେଶ୍ୱର, ମନୁ ପଟ୍ଟନାୟକ, ତପନ ଦାସ, କୈଳାସ ରଥ, ବି.ପ୍ରସାଦ ଦୋରା, ଲାଣ୍ଡୁ ବେଗରାଇ ପ୍ରମୁଖ ଉପସ୍ଥିତ ଥିଲେ।



## ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର

■ **ହତ୍ୟା ଅଭିଯୋଗ ଆଣିଲେ ପରିବାରବର୍ଗ**

**ଉମରକୋଟ,୨୫।୪(ସମିସ):** ଯୁବକଙ୍କୁ ହତ୍ୟା ଅଭିଯୋଗ କରି ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ମୃତ ଯୁବକ ଜଣକ ହେଲେ ୟୁଭି ନଂ ୧୪ ଜାମୁରଣ୍ଡା ଗ୍ରାମର ବିଶ୍ୱଜିତ ରଣା(୪୩)। ଏନେଇ ମୃତକ ବିଶ୍ୱଜିତଙ୍କ ଦାଦା ନନି ଗୋପାଳ ରଣା ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ପନାରତୁଆ ଗ୍ରାମ ନିକଟ ରାସ୍ତା କଡରେ ଘଟଣା ଦେଖିବାକୁ ମିଳିଛି।

ମିଳିଥିବା ସୂଚନା ଅନୁସାରେ, ବିଶ୍ୱଜିତ ଗତକାଲି ରାତିରେ ଖାଇପିଇ ବାଇକ୍ ଯୋଗେ ଜମିରେ ଥିବା ଘରକୁ ଶୋଇବାକୁ ଯାଇଥିଲେ। ଏହି ସମୟରେ ଜମିଠାରୁ ଅଳ୍ପ ଦୂରରେ ବିଶ୍ୱଜିତଙ୍କ ମୃତଦେହ କେହି ଦୁର୍ବୃତ୍ତ ଧାରୁଆ ଅସ୍ତ୍ର ସାହାଯ୍ୟରେ ବିଶ୍ୱଜିତଙ୍କ ମୁହଁ ଓ ମୁଣ୍ଡରେ ଆଘାତ କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ବାଇକ ପାଖରେ ହିଁ ଘଟଣାସ୍ଥଳରେ ବିଶ୍ୱଜିତଙ୍କର



ମୃତ୍ୟୁ ହୋଇଥିଲା। ସକାଳେ ଗ୍ରାମର କିଛି ଲୋକ ସେହି ରାସ୍ତା ଦେଇ ଯାଉଥିବା ସମୟରେ ବିଶ୍ୱଜିତ ପଡ଼ିଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଉମରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ନବରଙ୍ଗପୁରରୁ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପୁଲିସ ଘଟଣାସ୍ଥଳରୁ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ତଦନ୍ତଭାର ଏସଆଇ ଶିବାଜୀ ପଣ୍ଡା ସମ୍ଭାଳିଛନ୍ତି।

## ବିଇଓଙ୍କ ନିର୍ଦ୍ଦେଶକୁ ମିଗ୍ ୪ ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଅବମାନନା ଅଭିଯୋଗ

**ସୁନାବେଡ଼ା,୨୫।୪(ସମିସ):** ବର୍ତ୍ତମାନ ଖରା ବଢୁଥିବା ବେଳେ ରାଜ୍ୟ ସରକାର ୨୫ ତାରିଖରୁ ସବୁ ବିଦ୍ୟାଳୟ ଗୁଡିକୁ ଛୁଟି ଘୋଷଣା କରିଛନ୍ତି। କିନ୍ତୁ ନୂଆ ପିଲାମାନଙ୍କର ନାମ ଲେଖାଇବା ପାଇଁ ଓ ପୁରୁଣା ପିଲାଙ୍କର ଟିସି ପାଇଁ କିଛି ଦିନ ଖୋଲିବା ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ନିର୍ଦ୍ଦେଶକୁ ସୁନାବେଡା-୩ରେ ଥିବା ମିଗ୍ ୪ ଉଚ୍ଚ ପ୍ରକଳ୍ପ ବିଦ୍ୟାଳୟର କର୍ତ୍ତୃପକ୍ଷ ଅବମାନନା କରିଥିବା ଅଭିଯୋଗ ହୋଇଛି। ଗୁରୁବାର ସକାଳ ୮ଟା ୫୦ ମିନିଟ୍ ପର୍ଯ୍ୟନ୍ତ ଉକ୍ତ ବିଦ୍ୟାଳୟରେ ତାଲା ପଡିଥିବା ଦେଖିବାକୁ ମିଳିଥିଲା। କେବଳ ଜଣେ ଦିବ୍ୟାଙ୍ଗ ଶିକ୍ଷୟିତ୍ରୀ ୨ ଘଣ୍ଟା ଧରି ଗେଟ୍ ବାହାରେ ଅପେକ୍ଷା କରିବା ପରେ କେହି ନ ଆସିବାରେ ସେ ଫେରିଯାଇଥିବା ଦେଖିବାକୁ ମିଳିଥିଲା। ଏନେଇ ବିଇଓଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରି ନଥିବା ବେଳେ ମିଗ୍ ୪ କ୍ଲଷ୍ଟରର ସିଆରସିସି ସ୍ନେହଲତା ଦାଶଙ୍କୁ ପଚାରିବାରେ ସେ ବୁଧବାର ସମସ୍ତ ଶିକ୍ଷକଙ୍କୁ ବିଦ୍ୟାଳୟର କାର୍ଯ୍ୟାଳୟ ଖୋଲିବାକୁ ଜଣାଇଥିବା କହିଥିଲେ। ଅନ୍ୟପକ୍ଷରେ ବିଦ୍ୟାଳୟ ବନ୍ଦ ଥିବାରୁ ଦୁଇ ଜଣ ଅଭିଭାବକ ତାଙ୍କ ପିଲାଙ୍କ ନାମ ଲେଖାଇବା ପାଇଁ ଦୂରରୁ ଆସି ଫେରିଥିବା ମଧ୍ୟ ଦେଖିବାକୁ ମିଳିଥିଲା। ବିଇଓଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶ ସତ୍ତ୍ୱେ ବିଦ୍ୟାଳୟ ଖୋଲାଯାଇ ନଥିବାରୁ ଅଭିଭାବକଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବରୁଦ୍ଧରେ ବିଇଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଭିଭାବକମାନେ ଦାବି କରିଛନ୍ତି।

## ସମର୍ଥକଙ୍କ ସହ ବିଜେଡିରେ ଯୋଗଦେଲେ କଂଗ୍ରେସ ନେତା

**କୋରାପୁଟ,୨୫।୪(ସମିସ):** କୋରାପୁଟ ବିଧାନସଭା ନିର୍ବଚନ ମଣ୍ଡଳୀ ଅନ୍ତର୍ଗତ ବୈପାରିଗୁଡ଼ା, ଲମତାପୁଟ ଏବଂ କୋରାପୁଟ ବ୍ଲକର ଶତାଧିକ କଂଗ୍ରେସ କର୍ମୀ ପ୍ରୀତି ରଞ୍ଜନ ଡୁରୁକଙ୍କ ନେତୃତ୍ୱରେ ଗୁରୁବାର ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ଦେବ ଖିଲ, ବିଜିତ୍ ସାଗର ଓ ଅନ୍ୟ ସମର୍ଥକଙ୍କ ସହ ଶ୍ରୀ ଡୁରୁକ ଆଜି କୋରାପୁଟସ୍ଥିତ ବିଜୁ ଜନତା ଦଳ ନିର୍ବାଚନ କାର୍ଯ୍ୟାଳୟରେ ପହଞ୍ଚି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ବିଧାୟକ ରଘୁରାମ ପଡ଼ାଲ, ମହିଳା ବିଜେଡି ପର୍ଯ୍ୟବେକ୍ଷିକା ମୀରା ପରିଡ଼ା, ଯୁବ ପର୍ଯ୍ୟବେକ୍ଷକ ହରିଶ ରାଉତ, ବ୍ଲକ ସଭାପତି ମଣ୍ଟୁ ବେନିଆ ପ୍ରମୁଖ ପ୍ରୀତି ରଞ୍ଜନ ଡୁରୁକ ଓ ଅନ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ସହ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ମଳ ଭାବମୂର୍ତ୍ତି, ଦୃଢ଼ ନେତୃତ୍ୱ ଓ ଜନ କଲ୍ୟାଣକାରୀ ଯୋଜନା ଏବଂ ରଘୁରାମ ପଡ଼ାଲଙ୍କ ନେତୃତ୍ୱ ପ୍ରତି ଅନୁପ୍ରାଣୀତ ହୋଇ ସେମାନେ ବିଜୁ ଜନତା ଦଳରେ ଯୋଗଦେଇଥିବା ପ୍ରତିକ୍ରିୟା ଦେଇଛନ୍ତି।



### ଚା' ଦୋକାନୀ ହତ୍ୟା ମାମଲାର ପର୍ଦ୍ଦାଫାସ

# ଜଣେ ଅଭିଯୁକ୍ତ ଗିରଫ; ଛୁରାରେ ବେକକାଟି ହତ୍ୟା

**ଜୟପୁର, ୨୫।୪(ସମିସ)**



କୋରାପୁଟ ଜିଲ୍ଲା ଜୟପୁର ସହରର ପ୍ରତିଷ୍ଠିତ ଚା' ଦୋକାନୀ ତାମ୍ବୀ ଆୟରଙ୍କ ହତ୍ୟା ଘଟଣାର ଗୁରୁବାର ପର୍ଦ୍ଦାଫାସ କରିଛି ଜୟପୁର ପୁଲିସ । ପୁଲିସକୁ ମାତ୍ର ଦୁଇ ଦିନରେ ଏହି ହତ୍ୟା ମାମଲାରେ ସଫଳତା ମିଳିଛି । ଏହି ମାମଲାର ପର୍ଦ୍ଦାଫାସ୍ କରିବା ସହିତ ଜଣେ ଅଭିଯୁକ୍ତ ହତ୍ୟାକାରୀଙ୍କୁ ଗିରଫ କରିବାରେ ଟାଉନଥାନା ପୁଲିସ ସଫଳ ହୋଇଥିବା ନେଇ ଗୁରୁବାର ସଂଧ୍ୟାରେ ସ୍ଥାନୀୟ ଏସଡିପିଓଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଅଙ୍କିତ କୁମାର ବର୍ମା, ଟାଉନଥାନା ଅଧିକାରୀ ରମଣୀ ରଞ୍ଜନ ବେହେରା ଏବଂ ତଦନ୍ତକାରୀ ଅଧିକାରୀ ସିଦ୍ଧାନ୍ତ କୁମାର ବେହେରା ଉପସ୍ଥିତିରେ ଅଭିଯୁକ୍ତ କୋରାପୁଟ ଜିଲ୍ଲା ବି. ସିଙ୍ଗପୁର ଥାନା ରଣସପୁର ଗ୍ରାମର ସୁଦାମ ନାୟକ (୨୧)ଙ୍କୁ ଗିରଫ କରାଯାଇଛି । ହତ୍ୟାରେ ବ୍ୟବହୃତ ଛୁରା, ଦୁଇଟି ବାଇକ, ହତ୍ୟା ପାଇଁ ଯୋଜନା ସମ୍ପର୍କରେ ଲେଖା ହୋଇଥିବା ଏକ ଡାଏରୀ, ଗୋଟିଏ ମୋବାଇଲ ଫୋନ୍ ଏବଂ କଳା ରଙ୍ଗର ଟି-ସାର୍ଟ, ୫ ଶହ ଟଙ୍କାର ରେଜା ପଇସା ଜବତ କରାଯାଇଛି ।

ଏସଡିପିଓ ଶ୍ରୀ ବର୍ମାଙ୍କ ସୂଚନା ଅନୁଯାୟୀ, ହତ୍ୟାର ମୁଖ୍ୟ କାରଣ ଉଭୟ ମୃତକ ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ଗତ ୩ ବର୍ଷ ପୂର୍ବରୁ ବନ୍ଧୁତା ରହିଥିଲା । ଅଭିଯୁକ୍ତ ସୁଦାମଙ୍କୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୩ ରୁ ୪ ଲକ୍ଷ ଟଙ୍କା ସାହାଯ୍ୟ ଆକାରରେ ପ୍ରଦାନ କରିଛନ୍ତି । ଜବତ ବାଇକ (ଓଡି ୧୦ଟି-୬୮୯୦) ମଧ୍ୟ ଉପହାର ଭାବେ ପ୍ରଦାନ କରିଥିଲେ । ଗତ ୨୦୨୩ ମସିହାରେ ଏକ ବାଇକ ଚୋରି ଘଟଣାରେ ଅଭିଯୁକ୍ତ ସୁଦାମ କୋରାପୁଟ ଟାଉନଥାନା ପୁଲିସ ଦ୍ୱାରା ଗିରଫ ହୋଇଥିଲେ। ଏହି ମାମଲାରେ ଟଙ୍କା ଖର୍ଚ୍ଚ କରିବା ସହ ଅଭିଯୁକ୍ତ ସୁଦାମଙ୍କୁ ଜେଲରୁ ଜାମିନ୍‌ରେ ଖଲାସ କରିବାରେ ସହାୟତା କରିଥିଲେ ତାମ୍ବି । କିନ୍ତୁ ଜାମିନରେ ଖଲାସରେ ହେବା ପରେ ଅଭିଯୁକ୍ତ ସୁଦାମ ମୃତକ ତାମ୍ବୀଙ୍କ ସହିତ ଧିରେ ଧିରେ ସମ୍ପର୍କ ଛିନ୍ନ କରିଥିଲେ । ଅଭିଯୁକ୍ତଙ୍କ ବ୍ୟବହାରରେ ଅତିଷ୍ଟ ହୋଇ ମୃତକ ତାମ୍ବୀ ତାଙ୍କ ଠାରୁ ନେଇଥିବା ସମସ୍ତ ଟଙ୍କା ଏବଂ ବାଇକ ଫେରସ୍ତ କରିବାକୁ ଚାପ ସୃଷ୍ଟି କରିଥିଲେ । ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବିଭିନ୍ନ ସମୟରେ ପାଟିତୁଣ୍ଡ ହୋଇଥିଲା । ଶେଷରେ ଗତ ୧୩ ତାରିଖରେ ମୃତକ ତାମ୍ବି ଅଭିଯୁକ୍ତ ସୁଦାମଙ୍କୁ ସମସ୍ୟାର ସମାଧାନ କରିବାକୁ ତାଙ୍କ ଘରକୁ ଡାକିଥିଲେ । ଉକ୍ତ ଦିନ ରାତି ୧୨ଟାରେ ଅଭିଯୁକ୍ତ ବାଇକ ଯୋଗେ ତାମ୍ବିଙ୍କ ଘରକୁ ଯାଇଥିଲେ । ସେଠାରେ ରାତିରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ଅଭିଯୁକ୍ତ ସୁଦାମ ଏବଂ ମୃତକଙ୍କ ମଧ୍ୟରେ ହାତାହାତି ହୋଇଥିଲା । ଅଭିଯୁକ୍ତ ରାଗି ଯାଇ ଏକ ଛୁରାରେ ତାଙ୍କର ବେକକୁ କାଟି ଦେଇଥିଲେ । ଫଳରେ ପ୍ରବଳ ରକ୍ତସ୍ରାବ ଯୋଗୁଁ ଚା' ଦୋକାନୀ ତାମ୍ବୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା । ଏହାପରେ ଖଟ ଉପରେ ରହିଥିବା ଶେଯ ଦ୍ୱାରା ଅଭିଯୁକ୍ତ ତାମ୍ବୀଙ୍କ ମୃତ ଶରୀରକୁ ଘୋଡାଇ ଦେଇଥିଲେ । ଏହାପରେ ମୃତକ ତାମ୍ବିଙ୍କ ଘରେ ହତ୍ୟାକାରୀ ରହିଥିବା କିଛି ଫଟୋ ଏବଂ ଅନ୍ୟାନ୍ୟ ସାମଗ୍ରୀ ନେଇ ଯାଇଥିଲେ। ଗଲା ବେଳେ ମୃତକଙ୍କ ଘରରୁ ୨ ହଜାର ଟଙ୍କା ଏବଂ ୫ ଶହ ଟଙ୍କାର ରେଜା ପଇସା ନେଇଯାଇଥିଲେ । ଗଲା ବେଳେ ବାହାର ପଟରୁ ତାଲା ଦେଇ ବାଇକ ଯୋଗେ ପାରାବେଡ଼ା ପଛପାଖ କେନାଲ ନିକଟକୁ ଯାଇ ହତ୍ୟାରେ ବ୍ୟବହୃତ ଛୁରା, ତାଲାର ଚାବିକାଠି ସେଠାରେ ଫିଙ୍ଗିଦେଇ ନିଜ ଗ୍ରାମକୁ ଚାଲିଯାଇଥିଲେ । ୧୪ ତାରିଖର ଠାରୁ ମୃତକ ତାମ୍ବୀଙ୍କ ଚା' ଦୋକାନ ବନ୍ଦ ରହିଥିବା ବେଳେ ତାଙ୍କର ଫୋନ୍ ସ୍ୱିଚ୍ ବନ୍ଦ ରହିଥିଲା । ଗତ ୨୩ ତାରିଖ ଅପରାହ୍ନରେ ତାଙ୍କ ଦୋକାନରେ କାର୍ଯ୍ୟ କରୁଥିବା ମନୋଜ ନାରାଜୀ ମୃତକଙ୍କ ଘରକୁ ଯାଇଥିଲେ । କିନ୍ତୁ ଭିତରେ ପଟରୁ ଦୁର୍ଗନ୍ଧ ଆସୁଥିବାରୁ ସେ ସାହିବାସିନ୍ଦାଙ୍କୁ ଡାକିଥିଲେ। ଅଭିଯୋଗକାରୀ ମନୋଜ ଏବଂ ସାହିବାସିନ୍ଦା ଟାଉନଥାନାରେ ପହଞ୍ଚି ଅଭିଯୋଗ କରିଥିଲେ । ତୁରନ୍ତ ଘଟଣାସ୍ଥଳରେ ଥାନା ଅଧିକାରୀ ଶ୍ରୀ ଦଳେଇ ଏବଂ ତଦନ୍ତକାରୀ ଅଧିକାରୀ ଏସ୍‌ଆଇ ଶ୍ରୀ ବେହେରା ପହଞ୍ଚି ତାଲା ଭାଙ୍ଗି ଭିତରେ ପ୍ରବେଶ କରିଥିଲେ । କୋରାପୁଟ ଏସ୍‌ପି ଅଭିନବ ସୋନକରଙ୍କ ନିର୍ଦ୍ଦେଶକ୍ରମେ ସନ୍ଧାନକାରୀ କୁକୁର ଏବଂ ସାଇଣ୍ଟିଫିକ ଦଳ ଘଟଣାସ୍ଥଳରେ ପହଞ୍ଚି ଏସ୍‌ଡିପିଓ ଶ୍ରୀ ବର୍ମାଙ୍କ ନେତୃତ୍ୱରେ ତଦନ୍ତ କରିଥିଲେ । ଏହାପରେ ପୁଲିସ ମୃତକଙ୍କ ଘର ନୂଆ ସାହି ଜଗତଜନନୀ ଲାଇନ୍ ନିକଟସ୍ଥ କିଛି ସିସି ଟିଭି ଏବଂ ଅନ୍ୟାନ୍ୟ ଲୋକଙ୍କୁ ପଚରାଉଚୁରା ବେଳେ ଅଭିଯୁକ୍ତ ସମ୍ପର୍କରେ ସୁରାକ ପାଇଥିଲେ । ସିସିଟିଭିରେ ଅଭିଯୁକ୍ତର ଭିଡିଓ ଚିତ୍ରକୁ ନେଇ ତନାଘନା ଆରମ୍ଭ କରିଥିଲେ । ଶେଷରେ ହତ୍ୟାକାରୀ ସୁଦାମ ଜୟପୁର କୋଭିଡ୍ ଚିକିତ୍ସାଳୟରେ ରାତ୍ରୀ ଜଗୁଆଳି ଭାବେ ୨୦୨୦ ମସିହାରେ କାର୍ଯ୍ୟ କରୁଥିବା ଏବଂ ମୃତକ ତାମ୍ବିଙ୍କ ସହିତ ତାଙ୍କର ବନ୍ଧୁତା ଥିବା ଓ ନିବିଡ଼ତା ଥିବା ଜାଣିବାକୁ ପାଇଥିଲା। ପରେ ଅଭିଯୁକ୍ତ ସୁଦାମକୁ ଥାନାକୁ ନେଇ ପଚରାଉଚରା କରିବା ପରେ ସେ ତାମ୍ବିଙ୍କୁ ହତ୍ୟା କରିଥିବା ସ୍ୱିକାର କରିଥିବା ଏସଡିପିଓ ଶ୍ରୀ ବର୍ମା ସାମ୍ବାଦିକ ସମ୍ମିଳନୀରେ ସୂଚାଇଥିଲେ।

